ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୩ ସେପ୍ଟେମ୍ବର, ୨୦୧୯



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି, ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ସଚେତନତା ଶିବିର

ବିଞ୍ଝାରପୁର,୧୨।୯(ଡି.ଏନ.ଏ): ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହ ପ୍ରକୋଷ୍ଠରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଗୁରୁବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ମିନତୀ ଜଗଦେବଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରକାରୀ ଦଳର ମୁଖ୍ୟ ସଚେତକ ତଥା ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ, କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଇନ୍ଦ୍ରମଣି ନାୟକ, ପରିଦର୍ଶକ ରୂପେ ବିଜୟ କୁମାର ବେହେରା, ସଞ୍ଜୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମାଞ୍ଚଳର ଯୁବତୀଯୁବକ ଉଦ୍ୟୋଗୀ ଓ ପରିଶ୍ରମୀ ହୋଇ ରାଜ୍ୟ ସରକାରଙ୍କ ଶିଳ୍ପ ନିର୍ଦ୍ଦେଶାଳୟ ଜରିଆରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରି ନିଜେ ସ୍ୱାବଲମ୍ବୀ ହେବା ସହ ରାଜ୍ୟର ଆର୍ଥିକ ବିକାଶ ହୋଇ ପାରିବ ବୋଲି ବିଧାୟିକା କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଗ୍ରାମର ସରପଞ୍ଚ ଓ ସମିତିସଭ୍ୟ ଏବଂ ଶତାଧିକ ଯୁବତୀଯୁବକ ଯୋଗଦେଇଥିଲେ।

### ଅଞ୍ଚଳରେ ବଢୁଛି ଲୁଟ୍ ତରାଜ, କାର୍ଯ୍ୟାନୁଷ୍ଠାନ ଶୂନ

ଡୁବୁରୀ,୧୨।୯(ଡି.ଏନ୍.ଏ.): କଳିଙ୍ଗନଗର ଥାନା ଅଞ୍ଚଳରେ ଦିନକୁ ଦିନ ଲୁଟ୍‌ତରାଜ ବଢ଼ିବାରେ ଲାଗିଛି। ବିଗତ କିଛିମାସ ମଧରେ ଅଞ୍ଚଳରେ ବହୁ ଚୋରି ହୋଇଥିଲେ ମଧ ଦୁର୍ବୃତ୍ତଙ୍କୁ ପୋଲିସ ଗିରଫ କରି ପାରି ନାହିଁ। ଏଭଳିସ୍ଥିତିରେ ବୁଧବାର ରାତିରେ ଡୁବୁରୀ ଢାବା ଛକରେ ଥିବା ଏକ ଜଳଖିଆ ଦୋକାନରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନରୁ ମୋବାଇଲ, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରି ଲୁଟି ନେଇଛନ୍ତି। ଏ ନେଇ ଗୁରୁବାର ଥାନାରେ ଦୋକାନୀ ଧୀରେନ୍ଦ୍ର ବଳ ଅଭିଯୋଗ କରିଛନ୍ତି। ସେହିପରି ଗତ ଜୁଲାଇ ୧୭ରେ ଡୁବୁରୀ ମନ୍ଦିର ଛକ ନିକଟରେ ଥିବା ବହି ଓ ମୋବାଇଲ ଦୋକାନ ଆଜବେଷ୍ଟସ୍ ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହେବା ଘଟଣାର ଅଭିଯୁକ୍ତଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ଗତ ସପ୍ତାହରେ ଡୁବୁରୀସ୍ଥିତ ସୁକିନ୍ଦା ପ୍ରେସ୍ କ୍ଲବ କାର୍ଯ୍ୟାଳୟରୁ ଲୁହା ରଡ୍ ସହ କାର୍ଯ୍ୟାଳୟ ଅଫିସ୍‌ରୁ ପଙ୍ଖା, ଯନ୍ତ୍ରପାତି, ପାଇପ୍ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଏ ନେଇ କଳିଙ୍ଗନଗର ଥାନାରେ ଅଭିଯୋଗ ହୋଇଥିଲେ ମଧ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଏ ସମ୍ପର୍କରେ କଳିଙ୍ଗନଗର ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କୁ ପଚାରିବାରୁ, ପ୍ରେସ୍ କ୍ଲବ ଚୋରିରେ ସମ୍ପୃକ୍ତ ଅପରାଧୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି।

# ଆର୍‌ଡି ବିଭାଗରେ ଡିଏମ୍‌ଏଫ୍ ଚଳୁ

ଯାଜପୁର ଅଫିସ,୧୨।୯

ଯାଜପୁର ଜିଲାରେ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ)ର ଉପଯୁକ୍ତ ବିନିଯୋଗ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷକରି କାଳିଆପାଣି ଖଣି ଅଞ୍ଚଳର ରାସ୍ତାଘାଟ ଓ ବିଭିନ୍ନ ସରକାରୀ ଗୃହ ନିର୍ମାଣ ଦାୟିତ୍ୱରେ ଥିବା ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ(ଆର୍‌ଡି) ଏହି ପାଣ୍ଠିକୁ ଠିକ୍ ଭାବେ ବିନିଯୋଗ କରୁ ନ ଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ଅଧିକ ଲାଭଖୋର ମନୋବୃତ୍ତି ଯୋଗୁ ପାଣ୍ଠିର ଦୁରୁପଯୋଗ ହେବା ସହିତ ନିମ୍ନମାନର କାର୍ଯ୍ୟ ପ୍ରକଳ୍ପର ଦୀର୍ଘସ୍ଥାୟୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପାଣ୍ଠିରୁ ଗତ ୩ ବର୍ଷ ମଧ୍ୟରେ ୨୨ଟି ବିଭିନ୍ନ ପ୍ରକଳ୍ପ ପାଇଁ ଯାଜପୁର ଡିଭିଜନକୁ ୨୭କୋଟି ୯୮ଲକ୍ଷ ୧୮ହଜାର ୪୦୦ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି । ହେଲେ ସେଥିରୁ ୩କୋଟି ୬୬ଲକ୍ଷ ୭୩ହଜାର ୯୨୪ଟଙ୍କାର ବିନିଯୋଗ ପତ୍ର(ୟୁସି) ଦାଖଲ କରିବାରେ ବିଭାଗ ବିଫଳ ହୋଇଛି। ଏହାବାଦ ଦୁଇଟି ପ୍ରକଳ୍ପ ପାଇଁ ଅନୁଦାନ ଆବଣ୍ଟିତ ହୋଇ ନ ଥିଲେ ହେଁ ୧କୋଟି ୨୧ଲକ୍ଷ ଟଙ୍କାର ୟୁସି ଦାଖଲ ହୋଇଛି।

ବିକାଶକୁ ନେଇ ଖଣି ଖାଦାନ ଭରା ଅଞ୍ଚଳର ଲୋକଙ୍କ ମନରେ ସୃଷ୍ଟି ହୋଇଥିବା ବିଦ୍ରୋହକୁ ପ୍ରଶମିତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଏକ ରଣକୌଶଳ ପ୍ରସ୍ତୁତ କରିଛନ୍ତି । ଖଣି ଓ ଖଣିଜ ପଦାର୍ଥ ପ୍ରଶାସନିକ ପରିଚାଳନା ପାଇଁ ମାଇନ୍ସ ଓ ମିନେରାଲସ୍ ଡେଭଲପ୍‌ମେଣ୍ଟ ଆଣ୍ଡ ରେଗୁଲେଶନ ଆକ୍ଟ ୧୯୫୭ କୁ ୨୦୧୫ ମସିହାରେ ସଂଶୋଧନ କରାଯାଇଛି। ଏହି ଆଇନର ସବ୍‌ସେକ୍ସନ ୧ ଧାରା ୯(ବି)ରେ ଜିଲାସ୍ତରରେ ଡିଏମ୍‌ଏଫ ଗଠିତ ହୋଇଛି। ହେଲେ ଏହି ଆଇନ ଯାଜପୁର ଜିଲାର ଗ୍ରାମ୍ୟ ନିର୍ମାଣ ବିଭାଗ ପାଇଁ କିଛି ମହତ୍ୱ ରଖିନାହିଁ। ପୁଷ୍ଟିହୀନତା ଯୋଗୁ ଶିଶୁ ମୃତ୍ୟୁ ଘଟଣାରେ ବହୁ ଚର୍ଚ୍ଚିତ ନଗଡ଼ା ଗ୍ରାମକୁ ପ୍ରଥମେ ରାସ୍ତା ନିର୍ମାଣ ପାଇଁ ପ୍ରାଧାନ୍ୟ ଦିଆଯାଇଥିଲା। ଗମନାଗମନ ବିନା ବିକାଶ ଅସମ୍ଭବ ବୋଲି ସେତେବେଳେ ମତପ୍ରକାଶ ପାଇଥିଲା। ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଶୋକଝରଠାରୁ ତଳ ନଗଡ଼ା ପର୍ଯ୍ୟନ୍ତ ରାସ୍ତାନିର୍ମାଣ ପାଇଁ ୧୨କୋଟି ୮୧ ଲକ୍ଷ ୬୦ ହଜାର ଟଙ୍କା ଡିଏମ୍‌ଏଫ ପାଣ୍ଠିରୁ ମଞ୍ଜୁର ହୋଇଥିଲା। ହେଲେ ସେଥିରୁ ମାତ୍ର ୧୦ କୋଟି ୯୬ ଲକ୍ଷ ୮୫ ହଜାର ୧୯୩ ଟଙ୍କାର ୟୁସି ଦାଖଲ ହୋଇ ପାରିଛି । ସବୁଠାରୁ ମୁଖ୍ୟକଥା ହେଲା ଯେ,ଉକ୍ତ ରାସ୍ତା ନିର୍ମାଣର ୨ବର୍ଷ ନ ପୁରୁଣୁ ମେଟାଲ ଉଠି ଗଲାଣି। ଯାହା ଫଳରେ ଜୁଆଙ୍ଗ ଆଦିବାସୀଙ୍କ ପାଇଁ ଯିବାଆସିବା କଷ୍ଟକର ହୋଇପଡିଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର କୋଟି କୋଟି ଟଙ୍କା ବାଟମାରଣା କରି ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ରାସ୍ତା କଡ଼ରେ ଖୋଳା ଯାଇଥିବା ଡ୍ରେନ ପୋତି ହେବାକୁ ବସିଛି। ଆଗାମୀ ଦିନରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ନିର୍ମାଣ କରା ନ ଗଲେ ସମ୍ପୂର୍ଣ୍ଣ ଧୋଇ ହୋଇଯିବାର ସମ୍ଭାବନା ମଧ ରହିଛି । ରାସ୍ତା ଉପରେ ମେଟାଲ ପଡ଼ିଥିବା ସହ ବିପଦପୂର୍ଣ୍ଣ ରାସ୍ତା ଯୋଗୁ କୌଣସି ମାଲିକ ଗାଡ଼ି ଚଳାଚଳ କରିବାକୁ ସାହାସ ଜୁଟାଇ ପାରୁ ନାହାନ୍ତି। ତେଣୁ କୋଟିକୋଟି ଟଙ୍କାର ଏହି ରାସ୍ତା ନିର୍ମାଣ ଉପରେ ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ସେହିପରି ଏହି ପାଣ୍ଠିରୁ ସୁକିନ୍ଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)ର ୱାର୍ଡ ବିଲଡିଂ, ଡୁବୁରୀରେ ନିଉ ପିଏଚ୍‌ସିର କୋଠା, ଗୋବର୍ଦ୍ଧନପୁର ନିଉ ପିଏଚ୍‌ସି କୋଠାଘର, ମଙ୍ଗଳପୁର-ଆମ୍ବୋଲୋବା ରାସ୍ତା, ଦେଓଗାଁ, ଚିଙ୍ଗୁଡ଼ିପାଳରେ ସବସେଣ୍ଟର ନିର୍ମାଣ, ଟିସ୍କୋ ଗେଟରୁ ଦେଓଗାଁ ରାସ୍ତା ନିର୍ମାଣ, କୁସୁମଡିଆ ଗ୍ରାମରେ ମାଙ୍କେଡିଆ ଆଦିବାସୀଙ୍କ ପାଇଁ କଲୋନୀ ନିର୍ମାଣ, ଦାମୋଦରପୁର ମଠ ଛକରୁ ନାଟିସାହି ଆରଡି ରାସ୍ତା, ପିଡଞ୍ଜୁଡିରୁ ପାଟନା ରାସ୍ତା, କାଦୁଅବନ୍ଧିରୁ ପିମ୍ପୁଡିଆ ଚଟକିପଶି ଆରଡି ରାସ୍ତା, ପାଟନାରୁ ଚିଙ୍ଗୁଡିପାଳ ରାସ୍ତା, ମୂଳଖମ୍ବ ଗ୍ରାମର କଂକ୍ରିଟକରଣ ପ୍ରଭୃତି ରାସ୍ତା ନିର୍ମାଣ ହୋଇଛି। ସେଥିମଧ୍ୟରୁ ମାଙ୍କଡିଆ ବସ୍ତି ପାଇଁ କଲୋନୀ ନିର୍ମାଣ ବାବଦକୁ ହୋଇଥିବା ଅନୁଦାନ ୧ କୋଟି ୫୯ ଲକ୍ଷ ୬୦୦ ଟଙ୍କାରୁ ଗୋଟିଏ ବି ଟଙ୍କାର ୟୁସି ଦାଖଲ ହୋଇନାହିଁ। ଅନ୍ୟପକ୍ଷେ ଅନୁଦାନ ଆବଣ୍ଟିତ ହୋଇ ନ ଥିଲେ ହେଁ ଆର ଆଣ୍ଡ ବି ରାସ୍ତାରୁ ବରତଣ୍ଡା ନିର୍ମାଣରେ ୯୧ଲକ୍ଷ ୪୮ହଜାର ୬୦ଟଙ୍କା ଏବଂ ଆର୍ ଆଣ୍ଡ ବି ରାସ୍ତାରୁ ବରବାଙ୍କି ରାସ୍ତା ନିର୍ମାଣରେ ୨୯ଲକ୍ଷ ୮୨ ହଜାର ୬୯୩ଟଙ୍କା ଖର୍ଚ୍ଚ ହୋଇ ୟୁସି ଦାଖଲ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ନିର୍ମାଣ ବିଭାଗ ଯାଜପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି ଡିଏମ୍‌ଏଫ୍ ପାଣ୍ଠିର ଦୁରୁପଯୋଗ ହେବା ଅଭିଯୋଗରେ କୌଣସି ସତ୍ୟତା ନାହିଁ । ବ୍ୟୟ ଅଟକଳ ଅନୁସାରେ କାର୍ଯ୍ୟ ସମ୍ପାଦିତ ହେଉଛି । ତେବେ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।



- ୩.୬୬ କୋଟି ଟଙ୍କାର ୟୁସି ଦାଖଲ ବାକି
- ଅନୁଦାନ ଆବଣ୍ଟନ ବିନା ୧.୨୧ କୋଟି ଟଙ୍କାର ୟୁସି ଦାଖଲ
- ଅସମ୍ପୂର୍ଣ୍ଣ ଅବସ୍ଥାରେ ନଗଡ଼ାକୁ ରାସ୍ତା
- ପାଣ୍ଠିର କୌଣସି ପ୍ରକାର ଦୁରୁପଯୋଗ ହୋଇ ନାହିଁ: ନିର୍ବାହୀ ଯନ୍ତ୍ରୀ

### ଆନନ୍ଦମୟୀ ଶିଶୁନିକେତନର ସିଲ୍‌ଭର ଜୁବ୍‌ଲି ପାଳିତ

ବିଞ୍ଝାରପୁର,୧୨।୯(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆନନ୍ଦମୟୀ ଶିଶୁ ନିକେତନର ସିଲଭର ଜୁବଲି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ସରପଞ୍ଚ ଆଶାଲତା ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ସ୍ତମ୍ଭକାର ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ନନ୍ଦ କିଶୋର ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଅକ୍ଷୟ କୁମାର ଦାସ ଦୀର୍ଘ ୨୫ ବର୍ଷର ଅନୁଷ୍ଠାନ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏଥିସହ ବିଦ୍ୟାଳୟରୁ କୃତିତ୍ୱ ହାସଲ କରି ସାରା ଓଡ଼ିଶାରେ ସୁନାମ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କ ନାମ ଘୋଷଣା କରିଥିଲେ। ବରିଷ୍ଠ ତଥା ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ଧଳ ସମଗ୍ର ବିଞ୍ଝାରପୁର ଅଞ୍ଚଳର ଗର୍ବ ଓ ଗୌରବ ରକ୍ଷା ଦିଗରେ ଏହି ଅନୁଷ୍ଠାନର ଭୂମିକା ଉଲ୍ଲେଖନୀୟ ବୋଲି କହିଥିଲେ। ସାମରୁନ ନିଶା, ସୁମିତ୍ରା ମିଶ୍ର, ସୂର୍ଯ୍ୟସ୍ନାତା ମିଶ୍ର, ଲୋପାମୁଦ୍ରା ତ୍ରିପାଠୀ, ସୁମିତ୍ରା ସାହୁ ,ପ୍ରଶାନ୍ତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସେଖ ସଇଫୁର ରହେମାନ ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରିବା ସହିତ ଧନ୍ୟବାଦ ଦେଇଥିଲେ।

### କଳିଙ୍ଗ ଉଚ୍ଚ ମାଧମିକ ବିଦ୍ୟାଳୟ ଛାତ୍ରୀଙ୍କ ସଫଳତା ପାଇଁ ଶୁଭେଚ୍ଛା

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ

ରସୁଲପୁର,୧୨।୯(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତର ତରାପୁରସ୍ଥିତ କଳିଙ୍ଗ ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀ ସେକ୍ ଜୁମନ ଓ ତସ୍‌ଲିମା ଖାନ୍‌ଙ୍କ ଏକମାତ୍ର କନ୍ୟା ଉସ୍ମେ ରୁକେୟା(୧୫) ରାଜ୍ୟସ୍ତରୀୟ ଟାଏକୋଣ୍ଡା ଜୁନିଅର ପ୍ରତିଯୋଗିତା(୪୧ କି.ଲୋ ଓଜନ)ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ତାଙ୍କ ସଫଳତାକୁ ନେଇ କ୍ରୀଡ଼ାବିତ୍‌ଙ୍କ ମହଲରେ ଖୁସି ପ୍ରକଟିତ ହୋଇଛି। ଏଥିସହ ବିଦ୍ୟାଳୟର ଅଧକ୍ଷ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ପକ୍ଷରୁ ରୁକେୟାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଯାଜପୁର ଜିଲାର ଜାରକା ସ୍ଥିତ କଳ୍ପତରୁ ଦାସ ଇଣ୍ଡୋର ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୭ ରୁ ୯ ମଧରେ ଓଡ଼ିଶା ଟାଏକୋଣ୍ଡା ଆସୋସିଏଶନ ଓ ଟାଏକୋଣ୍ଡା-ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରରୀୟ ପ୍ରତିଯୋଗିତାରେ ଯାଜପୁର ଜିଲା ତରଫରୁ ଅଂଶ ଗ୍ରହଣ କର ରୁକେୟା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେ ଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରର ଟାଏକୋଣ୍ଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଏହାଛଡ଼ା ସେ ଜଣେ ମେଧାବୀ ଛାତ୍ରୀ ଅଟନ୍ତି । ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟି ଆସୁଛି । ତାଙ୍କର ସଫଳତାର ଶ୍ରେୟ ସେ ପ୍ରଶିକ୍ଷକ ସମର ସିଂ ପପୁଙ୍କୁ ଦେଇଛନ୍ତି । ପ୍ରକାଶ ଥାଉ କି ରୁକେୟାର ବଡଭାଇ ସାହେଜାଦ୍ ମୁସାରଫ ଜୁନିଅର କିକ୍‌ବକ୍ସିଂରେ ଅନ୍ତର୍ଜାତୀୟସ୍ତରରେ ଖେଳାଳି ବୋଲି ଜଣାଯାଇଛି ।




ପ୍ରଶିକ୍ଷକ ସମର ସିଂଙ୍କ ସହ ସ୍ୱର୍ଣ୍ଣପଦକ ହାସଲ କରିଥିବା ଉସ୍ମେ ରୁକେୟା।

### ବିଦାୟକାଳୀନ ସମ୍ବର୍ଦ୍ଧନା

ଜେନାପୁର,୧୨।୯(ଡି.ଏନ୍.ଏ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ନୋଡ଼ାଲ ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଦାସଙ୍କୁ ଗୁରୁବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଚାରଗୋଠ ପ୍ରକଳ୍ପ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ବେହେରା, ସମ୍ମାନିତ ଅତିଥି ଭାବେ ବିକ୍ରମ କେଶରୀ ଦାସ, ହୃଷୀକେଶ ସମାଲ, ଶିକ୍ଷକ ସଂଘ ଧର୍ମଶାଳା ସଭାପତି ସୁବାସ ଚନ୍ଦ୍ର ବେହେରା , ନିର୍ମଳା ପଣ୍ଡା, ଗଣେଶ୍ୱର ବେହେରା, ବିଭୂତି ଭୂଷଣ ପାଲ ଯୋଗଦେଇଥିଲେ। ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସାନ୍ତନୁ ରାଉତ ଧନ୍ୟବାଦ ଦେଇଥିଲେ।

## ଗୁଣାତ୍ମକ ଶିକ୍ଷାଦାନ, ବିଦ୍ୟାଳୟର ଉନ୍ନୟନ ଉପରେ ଗୁରୁତ୍ୱାରୋପ

ରସୁଲପୁର,୧୨।୯(ଡି.ଏନ୍.ଏ.)

**ହିଙ୍ଗୁଳା ବିଦ୍ୟାପୀଠରେ ପରିଚାଳନା କମିଟି ବୈଠକ**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ହିଙ୍ଗୁଳା ବିଦ୍ୟାପୀଠରେ ଗୁରୁବାର ନୂଆ ପରିଚାଳନା କମିଟିର ପ୍ରଥମ ବୈଠକ କମିଟିର ସ୍ଥାୟୀ ସଭାପତି ତଥା କୋରେଇ ବିଧାୟକ ଅଶୋକ କୁମାର ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଗୁଣାତ୍ମକ ଶିକ୍ଷାଦାନ ସହ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଦ୍ୟାଳୟର ମୌଳିକ ଦାୟିତ୍ୱ ହେଉଛି ଶିକ୍ଷାଦାନ। ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ଶିକ୍ଷୟିତ୍ରୀଶିକ୍ଷକମାନେ ଯତ୍ନବାନ ହେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏହାଛଡ଼ା ବିଦ୍ୟାଳୟର ବିପଦ ସଙ୍କୁଳ ଗୃହର ମରାମତି, ଶୌଚାଳୟ ନିର୍ମାଣ, ଲାବୋରେଟୋରୀ ସ୍ଥାପନ, ସମର ଶିକ୍ଷାର୍ଥୀ ବାହିନୀ ୟୁନିଟକୁ ଅଧିକ କ୍ରିୟାଶୀଳ କରାଇବା ଦିଗରେ ପ୍ରସ୍ତାବମାନ ଆସିଥିଲା। ବିଦ୍ୟାଳୟଗୁଡିକ ପାଇଁ ଆସୁଥିବା ସରକାରୀ ଅନୁଦାନ ପ୍ରଦାନ ଦିଗରେ ଯତ୍ନବାନ ହେବା ସହ ନିଜସ୍ୱ ହାତପାଣ୍ଠିକୁ ବିନିଯୋଗ କରି ବିଦ୍ୟାଳୟରେ ରହୁଆସୁଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡିକୁ ସମାଧାନ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ବୈଠକରେ ଶିକ୍ଷାବିତ୍ ନଗେନ୍ଦ୍ର କୁମାର ପତି, ଭୀମସେନ ପଣ୍ଡା, ଉମା ସେଠୀ, ଅମରେଶ ମଲିକ ପ୍ରମୁଖ ଯୋଗ ଦେଇଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ତେଜରାତି ଦୋକାନ

ଛତିଆ,୧୨।୯ (ଡି.ଏନ୍.ଏ.)

ବୈରୀ ଥାନା ଅନ୍ତର୍ଗତ ଛତିଆ ପଞ୍ଚାୟତର ଅମରାବତୀ ପାଟଣା ଗ୍ରାମରେ ଥିବା ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଏକ ତେଜରାତି ଦୋକାନରେ ବୁଧବାର ବିଳମ୍ବିତ ରାତିରେ ଭୟାଭୟ ଅଗ୍ନିକାଣ୍ଡ ଘଟି ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିପାଉଁଶ ହୋଇଯାଇଛି। ସୂଚନାଯୋଗ୍ୟ ବୁଧବାର ରାତିରେ ଦୋକାନ ବନ୍ଦକରି ପୂର୍ଣ୍ଣ ଚନ୍ଦ୍ର ନିଜ ଘରକୁ ଯାଇଥିଲେ। ରାତ୍ରି ପାଖାପାଖି ୩ ଟା ହେବ ଦୋକାନରୁ ନିଆଁ ବାହାରୁ ଥିବା ଦେଖି ଜଣେ ଗ୍ରାମବାସୀ ପୂର୍ଣ୍ଣଚନ୍ଦ୍ରଙ୍କୁ ଡାକ ପକାଇଥିଲେ। ପରିବାର ଲୋକେ ଉଠି ଦେଖିବାବେଳକୁ ଦୋକାନଟି ଜଳୁଛି । ତୁରନ୍ତ ଛତିଆ ବିଟ୍ ହାଉସ୍‌କୁ ଖବର ଦେଇଥିଲେ। ବିଟ୍ ହାଉସ୍ ପୋଲିସ ପହଞ୍ଚି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହା ଅସ୍ପଷ୍ଟ ଥିବା ପୋଲିସ କହିଛି।

## ଶାରୀରିକ ଅକ୍ଷମତା ସାମାଜିକ କାର୍ଯ୍ୟରେ ବାଧକ ନୁହେଁ

ରସୁଲପୁର,୧୨।୯(ଡି.ଏନ୍.ଏ.)

**ଦିବ୍ୟାଙ୍ଗ ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା**

ଦିବ୍ୟାଙ୍ଗମାନେ କେଉଁ ଗୁଣରେ କମ୍ ନୁହନ୍ତି। ସେମାନଙ୍କୁ ସମାଜରେ ବୋଝ ବୋଲି ମନେ କରିବା ଉଚିତ୍ ନୁହେଁ। ଦିବ୍ୟାଙ୍ଗମାନେ ବି ସାଧାରଣ ଲୋକଙ୍କ ଭଳି ସାମାଜିକ କାର୍ଯ୍ୟରେ ନିୟୋଜିତ କରିବାର ସାମର୍ଥ୍ୟ ବହନ କରନ୍ତି। ଶାରୀରିକ ଅକ୍ଷମତା ସାମାଜିକ କାର୍ଯ୍ୟରେ ବାଧକ ସାଜେ ନାହିଁ। ବହୁବାର ରକ୍ତଦାନ ଭଳି ମହତ୍ କାର୍ଯ୍ୟକରି ସମଗ୍ର ଜିଲାରେ ଚର୍ଚ୍ଚାରେ ରହି ଆସୁଥିବା ଦିବ୍ୟାଙ୍ଗଙ୍କୁ ଗୁରୁବାର ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଜିଲା ଦିବ୍ୟାଙ୍ଗ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଦିବ୍ୟାଙ୍ଗ କମିଟିର ସଭାପତି ମଣ୍ଟୁ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବରେ ପୂର୍ବତନ ସରପଞ୍ଚ ବିପିନ ବିହାରୀ ଦେଓ, ସମ୍ମାନିତ ଅତିଥିଭାବରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ, ବ୍ରହ୍ମବରଦା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ କିଶୋର ଚନ୍ଦ୍ର ଜେନା, ଶ୍ରମିକ ନେତା ପ୍ରଦୀପ ଦାସ, ଶିକ୍ଷକ ଜୁଲଫିକର ଅଲ୍ଲୀ ଖାଁ, ସାହିତ୍ୟିକ ବିଶ୍ୱନାଥ ପଣ୍ଡା, ସମାଜସେବୀ ନିମାଇଁ ଦାସ, ନୃସିଂହ ବାରିକ ପ୍ରମୁଖ ଯୋଗଦେଇ ରକ୍ତଦାତା ମଧୁମଞ୍ଜରୀ ଧଳ, ଗୌରହରି ଦାସ ଓ ଭାଗିରଥୀ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ପ୍ରତିଭାମାନେ ଅନେକଥର ରକ୍ତଦାନ କରି ଲୋକଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଥିବାରୁ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।



ଜଣେ ଦିବ୍ୟାଙ୍ଗ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଚଢ଼ାଦରରେ ସାର କିଣୁଛନ୍ତି ଚାଷୀ

ରସୁଲପୁର,୧୨।୯(ଡି.ଏନ୍.ଏ.)

**ଚାଷୀଙ୍କ ସ୍ୱାର୍ଥକୁ ଅଣଦେଖା**
- ଅଧିକାଂଶ ପ୍ୟାକ୍ସ ମାର୍କଫେଡ୍ ଠାରୁ ଆଣୁ ନାହାନ୍ତି ସାର
- ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ପ୍ୟାକ୍ସ ଓ ବ୍ୟାଙ୍କ ଅଧିକାରୀ

ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଜରିଆରେ ଚାଷୀଙ୍କୁ ବିଭିନ୍ନ ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି। କୃଷି ଋଣ, ଚାଷ ଉପକରଣ, ସାର, କୀଟନାଶକ ଔଷଧ, ବିହନ ଆଦି ରିହାତି ଦରରେ ପ୍ରଦାନ କରିବା ଏପରିକିକୃଷକଙ୍କ ଉତ୍ପାଦିତ ସାମଗ୍ରୀକୁକ୍ରୟ କରିବା ଓ ସେମାନଙ୍କୁ ଉଚିତ ମୂଲ୍ୟ ଦେବା ଦିଗରେ ପାକ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚାଷୀଙ୍କୁ କମ୍ ସୁଧରେ କୃଷିଋଣ ପ୍ରଦାନ କରିବା ପାଇଁ ପାକ୍ସ ଓ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମିଳିତ ଭାବରେ କାର୍ଯ୍ୟ କରୁଥିବା କୁହାଯାଉଛି। ହେଲେ ବାସ୍ତବ ଚିତ୍ର ଭିନ୍ନ। ଚାଷୀଙ୍କୁ ସରକାରୀ ସୁବିଧା ପ୍ରଦାନ କରିବା ଦିଗରେ ପ୍ୟାକ୍ସ ବିଫଳ ହୋଇଛି। ଯାଜପୁର ଜିଲାର ରସୁଲପୁର ବ୍ଲକ ଅଧିନରେ ଥିବା ୧୧ଟି ପାକ୍ସ ଓ ସମବାୟ ବ୍ୟାଙ୍କରେ ଚାଷୀଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଚଳିତ ଖରିଫ ଋତୁରେ ଚାଷୀମାନଙ୍କୁ ସାର ଯୋଗାଣ ଦିଗରେ ନୈରାଶ୍ୟଜନକ ପ୍ରଦର୍ଶନକୁ ଦେଖିଲେ ପାକ୍ସର ଅସଲ ଚେହେରା ପଦାରେ ପଡିଯାଇଛି। ପ୍ୟାକ୍ସ ଓ ବ୍ୟାଙ୍କର ଟାଳଟୁଳ ନୀତି ଯୋଗୁଁ ଏହି ଅଞ୍ଚଳର ଚାଷୀଙ୍କୁ ସରକାରୀ ଦରରେ ସାର ଯୋଗାଇବା ମିଶନ ବିଫଳ ହୋଇଛି। ଫଳରେ ଚାଷୀମାନେ ଖୋଲା ବଜାରରୁ ସାର ଚଢ଼ା ଦରରେ କିଣି ଆର୍ଥିକ ବୋଝରେ ଶିକାର ହେଉଛନ୍ତି।

ଏହି କ୍ରମରେ ଦେଖିବାକୁ ଗଲେ ବ୍ଲକ ଅଧିନରେ ୧୧ଗୋଟି ପାକ୍ସ ରହିଛି । ୨୦୧୮-୧୯ କୃଷି ବର୍ଷରେ ସମିତି ଅଧିନରେ ଖରିଫ ଋତୁରେ ଆନୁମାନିକ ୬୦୦୦ ହେକ୍ଟର ବିଆଳି(ସ୍ୱଳ୍ପ ମିଆଦି-୧୦୦ଦିନ ମଧରେ)ଧାନ, ୨୦୦୦ ହେକ୍ଟର ଜମିରେ ଶାରଦ(ଦୀର୍ଘ ମିଆଦି-୧୮୦ ଦିନ ମଧରେ) ଧାନ, ୧୮୦୦ ହେକ୍ଟର ପନିପରିବା, ୩୨୫ ହେକ୍ଟରରେ ଆଖୁ, ଅନ୍ୟାନ୍ୟ ଫସଲ ୬୦ହେକ୍ଟର ଜିମରେ ଚାଷ ହୋଇଛି। ଧାନଚାଷ ପାଇଁ ୟୁରିଆ ସାର ଚାହିଦା ଖୁବ୍ ବେଶୀ। ଏହାଛଡ଼ା ପନିପରିବା ଚାଷ ପାଇଁ ଡିଏପି, ପଟାସ ସାର ଆବଶ୍ୟକତା ରହିଛି । ଉକ୍ତ ସାରକୁ ମାର୍ଫେଡ ପ୍ୟାକ୍ସ ଜରିଆରେ ଚାଷୀଙ୍କ ନିକଟରେ ସରକାରୀ ଦରରେ ପହଞ୍ଚାଇବା ନିୟମ ରହିଛି। ଏଥିପାଇଁ ଅଗଷ୍ଟ ୧୫ସୁଦ୍ଧା ପ୍ରତ୍ୟେକ ପାକ୍ସରେ ମାର୍ଫେଡ ପକ୍ଷରୁ ମାଗଣାରେ ସାର ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ରହିଥିଲା। ତେବେ ଧାର୍ଯ୍ୟ ତାରିଖ ସୁଦ୍ଧା ଚୁକ୍ତିବଦ୍ଧ କମ୍ପାନୀଗୁଡ଼ିକ ସାର ଯୋଗାଥ ନ ପାରିବାରୁ ମାର୍ଫେଡ ମଧ ପ୍ୟାକ୍ସରେ ସାର ପହଞ୍ଚାଇବାରେ ବିଫଳ ହୋଇଥିଲା। ଫଳରେ ଚଳିତ ବର୍ଷ ସ୍ୱଳ୍ପ ମିଆଦି ଧାନ ଚାଷ ପାଇଁ ସମିତି ପକ୍ଷରୁ ଚାଷୀଙ୍କୁ ସାର ଯୋଗାଇ ଦିଆଯାଇ ପାରି ନ ଥିଲା। ଏବେ ଦୀର୍ଘମିଆଦି ଧାନ, ଆଖୁ, ପନିପରିବା ଚାଷ ପାଇଁ ସାରର ଆବଶ୍ୟକତା ରହିଛି। ମାର୍ଫେଡରେ ପର୍ଯ୍ୟାପ୍ତ ସାର ମଧ ମହଜୁଦ୍ ରହିଛି । ହେଲେ ପ୍ୟାକ୍ସ ଓ ସମବାୟ ବ୍ୟାଙ୍କର ଟାଳଟୁଳ ନୀତି ଯୋଗୁ ଏବେ ଅର୍ଦ୍ଧାଧିକ ସମିତି ସାର ଉଠାଇ ନାହାନ୍ତି। ଫଳରେ ଚାଷୀମାନେ ଖୋଲା ବଜାରରୁ ଚଢ଼ା ଦରରେ ସାର କିଣି ଚାଷ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଏହିକ୍ରମରେ ଦେଖିଲେ ପ୍ରଥମ ଦଫାରେ ବ୍ଲକ ଅଧିନସ୍ଥ ନଠୁଆବର, ପ୍ରଥମାଖଣ୍ଡି, ନରସିଂହପୁର, ମୁଗୁପାଳ ଓ ପହଁଗା ପ୍ୟାକ୍ସଗୁଡିକ ସାର ଉଠାଇଛନ୍ତି । ତା ପୁଣି ଖୁବ୍ ସ୍ୱଳ୍ପ ପରିମାଣର । ନଠୁଆବର ୟୁରିଆ ୯ଟନ୍, ଡିଏପି ଓ ପଟାସ ୭.୫ ଟନ୍(ମୂଲ୍ୟ ୨.୨୫ ଲକ୍ଷ ଟଙ୍କାର), ନରସିଂହପୁରୁ ୟୁରିଆ ୯ ଓ ଡିଏପି ୫ଟନ(୨.୨୬ ଲକ୍ଷ ଟଙ୍କା), ପ୍ରଥମାଖଣ୍ଡି ୟୁରିଆ ୪.୫ ଓ ଡିଏପି ୫ଟନ(୧.୫୬ଲକ୍ଷ ଟଙ୍କା), ମୁଗୁପାଳ ୟୁରିଆ-୪.୫ ଓ ଡିଏପି-୨.୫ ଟନ(୨.୨୦ ଲକ୍ଷ) ପହଁଗା- ୩୦ ଟନ୍ ଡିଏପି ଯାହାର ମୂଲ୍ୟ ୭,୭୨ ଲକ୍ଷ ଟଙ୍କା, ନଠୁଆବର ୧୮ଟନ୍ ୧.୩୩ ଲକ୍ଷ ଟଙ୍କା। ଏହିଭଳି ଭାବରେ ୫ଟି ସମିତି ୧୭ଲକ୍ଷ ଟଙ୍କାର ସାର କଣିଛି ବୋଲି ଜଣାପଡିଛି। ଯାହାକତ ଚାଷୀଙ୍କ ଆବଶ୍ୟକତାଠାରୁ ଢେର କମ୍ । ଏହାଛଡା ରସୁଲପୁର, ବ୍ରହ୍ମବରଦା, ସାମନ୍ତରାପୁର, ସିଂହପୁର, ବଡକଇଁଚି, ଓଡିଶୋ ଆଦି ପ୍ୟାକ୍ସ ବସ୍ତାଟିଏ ହେଲେ ସାର ଉଠାଇ ନାହାନ୍ତି । ଉକ୍ତ ସମିତିଗୁଡିକୁ ସମବାୟ ବ୍ୟାଙ୍କ କେବଳ ଚିଠିଟିଏ କରି ବସି ପଡିଛି। ଖରିଫ ଋତୁ ସରି ଆସିଲାଣି। ଏ ଦିଗରେ ସମିତି କାହିଁକି ଆଗ୍ରହ ପ୍ରକାଶ କରୁନାହିଁ । ସେ ଦିଗରେ ତାଗିଦ୍ କରାଯାଉ ନାହିଁ କି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଉଭୟ ପ୍ୟାକ୍ସ ଓ ବ୍ୟାଙ୍କ ଅଧିକାରୀଙ୍କ ଭିତିରି ବୁଝାବଣାରେ ଏଭଳି ହେଉଛି ବୋଲି ଅଭିଯୋଗ ହେଉଛି । ଅପରପକ୍ଷରେ ରସୁଲପୁର ବ୍ଲକ ଅଧିନସ୍ଥ ମାର୍ଫେଡକୁ ୧୫୨୧.୮୭୫ ଟନ୍ ସାର ଆସିଛି । ସେଥିମଧ୍ୟରୁ ପ୍ୟାକ୍ସ ଗୁଡିକ ୪୦୮ଟନ୍ ସାର ସଂଗ୍ରହ କରିଥିବାବେଳେ ରିଟେଲରଙ୍କୁ ମାର୍ଫେଡ ୧୪୦୭ଟନ୍ ସାର ଯୋଗାଇଛି। ଚାଷୀମାନେ ସମିତି ମାଧ୍ୟମରେ ସାର କିଣିଲେ ୟୁରିଆ ବସ୍ତା(୪୫କେଜି)କୁ ସରକାରୀ ଦର ଟ୨୬୬.୫୦ଙ୍କାରେ ମିଳିବ। ମାତ୍ର ସମିତି ସାର ଉଠାଉ ନ ଥିବାରୁ ମାର୍ଫେଡ ଠାରୁ ରିଟେଲରମାନେ ସରକାରୀ ଦରରେ ସାର କିଣିବାର ସୁଯୋଗ ପାଉଛନ୍ତି। ଆଉ ଉକ୍ତ ୟୁରିଆ ସାରକୁ ଚାଷୀମାନେ ଅନ୍ୟୁନ ୧୦୦ ରୁ ୧୫୦ ଟଙ୍କା ଅଧିକା ଦେଇ ରିଟେଲରମାନଙ୍କଠାରୁ କିଣୁଛନ୍ତି। କୃଷକମାନଙ୍କ ସ୍ୱାର୍ଥରେ ଉଦ୍ଦିଷ୍ଟ ସରକାରୀ ସୁବିଧା ସୁଯୋଗ ବାଟବଣା ହୋଇ ଯାଉଛି। ଏଦିଗରେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, କୁଆଖିଆ ଶାଖାର ପରିଚାଳକ ବିକାଶ କୁମାର ମିଶ୍ରଙ୍କୁ ପଚାରିବାରୁ ସେ ନିଜ ମୁଣ୍ଡରୁ ଦୋଷ ପ୍ୟାକ୍ସ ଉପରକୁ ଠେଲି ଦେଇଛନ୍ତି। ଅଧାରୁ କମ୍ ପ୍ୟାକ୍ସ ସାର ମଗାଇଥିବା କଥାକୁ ସ୍ୱୀକାର କରିଛନ୍ତି। ତେବେ ବ୍ୟାଙ୍କ ପକ୍ଷରୁ ଏତେ କମ୍ ପରିମାଣର ସାର ସଂଗ୍ରହ ପାଇଁ ପ୍ରସ୍ତାବ ଦେବା କାରଣ ସମ୍ପର୍କରେ ପଚାରିବାରୁ ପ୍ୟାକ୍ସର ସମ୍ପାଦକମାନେ ସାର ଉଠାଣ ଦିଗରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଯେଉଁ ସମିତି ସାର ଉଠାଇ ନାହାନ୍ତି ସେମାନଙ୍କୁ ବ୍ୟାଙ୍କ ତରଫରୁ ଚିଠି କରାଯାଇଛି ବୋଲି ମିଶ୍ର ସଫେଇ ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୩ ସେପ୍ଟେମ୍ବର, ୨୦୧୯



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ଦିବ୍ୟସିଂହଦେବ



## ସଂକ୍ଷେପରେ

### ଓଡ଼ିଆ ସମ୍ମାନ ବିଭାଗର ସ୍ୱାଗତ ଉତ୍ସବ

**ସିଂହପୁର,୧୨।୯(ଡିଏନଏ):** ବିଞ୍ଝାରପୁର ବ୍ଲକ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟର ଓଡିଆ ସମ୍ମାନ ବିଭାଗ ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ଗଗନ ବିହାରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଯାଦବାନନ୍ଦ ବେହେରା, ଅଧାପକ ସତ୍ୟବ୍ରତ ପାଢୀ, ସୁବୋଧ ନାୟକ, ଘନଶ୍ୟାମ ଜେନା, ଶ୍ରୀକାନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ସାମଲ, ସୁବାସ ସାହୁ, ଅରୁଣ ସାମଲ, ଦେବବ୍ରତ ଧଳ, ମୀନକେତନ ତ୍ରିପାଠୀ, ପର୍ଶୁରାମ ସାହୁ, ଅଧାପିକା ଲୀଳାବତୀ ପଣ୍ଡା, ଗାୟତ୍ରୀ ଧଳ, ପୁଷ୍ପଲତା ଯେନା, ଅର୍ପିତା ସ୍ୱାଇଁ, ଶର୍ମିଷ୍ଠା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମାତୃଭୂମି ଓ ମାତୃଭାଷା ପ୍ରତି ସମ୍ମାନ ଜଣାଇ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବାକୁ ଆହ୍ୱାନ ଦିଆଯାଇଥିଲା। ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ନବାଗତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ବନ୍ଦାପନା କରାଯାଇଥିଲା ଓ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଶେଷରେ ଅଧାପିକା ରୋଜାଲିନ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

### ଶୌଚାଳୟ ପାଇବାରୁ ବଞ୍ଚିତ ହେଉଛନ୍ତି ହିତାଧିକାରୀ

**ସିଂହପୁର,୧୨।୯(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପଞ୍ଚାୟତ ନାଉବାଙ୍କ ଗ୍ରାମରେ ବହୁ ହିତାଧିକାରୀ ପରିବାର ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ଅଭିଯାନରେ ମାଗଣାରେ ସମସ୍ତ ଯୋଗ୍ୟ ହିତାଧିକାରୀ ପରିବାରଙ୍କୁ ଶୌଚାଳୟ ନିର୍ମାଣ ପାଇଁ ଘୋଷଣା କରାଯାଉଛି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ମାରଣନୀତି ଯୋଗୁ ଗ୍ରାମର କାଳନ୍ଦୀ ମଲିକ, କୈଳାସ ମଲିକ, ଗୌରାଙ୍ଗ ଜେନା, ଘନଶ୍ୟାମ ନାୟକ, ଧରଣୀ ମଲିକ, ଫକୀର ବେହେରା, ଶ୍ରୀନିବାସ ସାମଲଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ପରିବାର ଏହି ଯୋଜନାରେ ବଞ୍ଚିତ ହୋଇଥିବା କହିଛନ୍ତି। ଏ ନେଇ ବାରମ୍ବାର ଆବେଦନ କରି ନିରାଶ ହୋଇଛନ୍ତି। ଏ ନେଇ ସରପଞ୍ଚ ସ୍ୱପ୍ନା ମଞ୍ଜରୀ ଲେଙ୍କାଙ୍କୁ ପଚାରିବାରୁ ଏ ବାବଦରେ ବିଡିଓଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

### ଗୀତାଜ୍ଞାନ ପ୍ରତିଯୋଗିତା, ସମ୍ବର୍ଦ୍ଧନା ଉତ୍ସବ ପ୍ରସ୍ତୁତି

**ସିଂହପୁର,୧୨।୯(ଡିଏନ୍ଏ)-** ବିଞ୍ଝାରପୁର ବ୍ଲକ ନଚ୍ଛିପୁରସ୍ଥିତ ନିଳାଦ୍ରୀ ବିହାରରେ ଗୀତାଜ୍ଞାନ ପ୍ରତିଯୋଗିତା ଓ ସମ୍ବର୍ଦ୍ଧନା ଉତ୍ସବ ଉପଲକ୍ଷେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପରିଚାଳନା ସମିତିର ସେବାଧକ୍ଷ ନିରଞ୍ଜନ ଆଚାର୍ଯ୍ୟଙ୍କ ତତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନୀଳାଦ୍ରି ବିହାର ପକ୍ଷରୁ ପୁସ୍ତକ ନୀଳାଦ୍ରି ମଞ୍ଜୁଳ ପ୍ରକାଶିତ ହେବ। ପୁସ୍ତକରେ ଲେଖା ପାଇଁ ଅକ୍ଟୋବର ୩୦ ତାରିଖ ସୁଦ୍ଧା ଲେଖା ପଠାଇବାକୁ ଶ୍ରୀମନ୍ଦିର ପରିଚାଳନା ସମିତି ପକ୍ଷରୁ ସୂଚନା ଦିଆଯାଇଛି।

■ ଖଣି ଅଞ୍ଚଳରେ ଛାତ୍ରୀଛାତ୍ରଙ୍କ ସ୍ୱତନ୍ତ୍ର ବସ୍ ସେବା ବିପର୍ଯ୍ୟସ୍ତ

# ଫିଟ୍‌ନେସ୍ ନ ଥିବା ବସ୍‌ରେ ଯାତ୍ରା

**କାଳିଆପାଣି,୧୨।୯(ଡି.ଏନ୍.ଏ.)**

ସୁକିନ୍ଦା ଖଣି ଅଞ୍ଚଳରେ କଲେଜ ଛାତ୍ରୀଛାତ୍ରଙ୍କ ଯାତାୟତ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବସ୍ ସେବା ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ ହୋଇଛି। ଏଠାରେ ଖଣି ମାଲିକଙ୍କ ଅର୍ଥରେ ୩ଟି ବସ୍ ଛାତ୍ରୀଛାତ୍ରଙ୍କ ଯାତାୟାତ ପାଇଁ ବ୍ୟବହାର କରାଯାଉଛି। ସେଥିରୁ ଗୋଟିଏର ଫିଟ୍‌ନେସ୍ ସାର୍ଟିଫିକେଟ୍ ନ ଥିବାବେଳେ ୧୫ରୁ ଊର୍ଦ୍ଧ୍ୱ ବର୍ଷ ହେବ ବସ୍‌ଟି ଅଞ୍ଚଳରେ ଛାତ୍ରୀଛାତ୍ରଙ୍କୁ ନବାଆଣିବା କରୁଥିବା ଜଣାପଡିଛି। ନୂତନ ଟ୍ରାଫିକ୍ ନିୟମ ଲାଗୁ ହେବା ପରେ ସବୁଠି ଆଇନକୁ କଡ଼ାକଡି ପାଳନ କରାଯାଉଛି। ହେଲେ ଛାତ୍ରୀଛାତ୍ରଙ୍କ ଯାତାୟାତରେ ବ୍ୟବହୃତ ଉକ୍ତ ବସ୍ ବର୍ତ୍ତମାନ ପର୍ଯ୍ୟନ୍ତ ଆଇନ ପରିଧି ଭିତରେ ନ ଆସିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, କାଳିଆପାଣି ଖଣି ଅଞ୍ଚଳରେ କଲେଜ ପ୍ରତିଷ୍ଠା କରିବାକୁ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ୨୦୧୬ରେ ଏକ କମିଟି ଗଠନ କରିଛନ୍ତି। ଏହି କମିଟି ଅଞ୍ଚଳରେ କଲେଜ ପ୍ରତିଷ୍ଠା କରିବା ଦିଗରେ କାର୍ଯ୍ୟ କରୁଛି। ତେବେ କଲେଜ ପ୍ରତିଷ୍ଠା ହେବା ଯାଏ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଯାତାୟାତ ସୁବିଧା ଯୋଗାଇବାକୁ ସେତେବେଳେ ପ୍ରାଥମିକସ୍ତରରେ ୧ ବସ୍ ସେବା ଆରମ୍ଭ ହୋଇଥିଲା। ସମୟକ୍ରମେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢିବାରୁ ଅଞ୍ଚଳର ସମସ୍ତ କମ୍ପାନୀଙ୍କ ମିଳିତ ଅର୍ଥରେ ଆଉ ୨ ବସ୍ ଚଳାଯାଉଛି। ସେଥିରୁ ଗୋଟିଏ ବସ୍ କାଳିଆପାଣି ଦେଇ ଟିଁଟିରି କଲେଜକୁ ଯାଉଥିବା ବେଳେ ଅନ୍ୟ ୨ଟି ମଙ୍ଗଳପୁର ଦେଇ ସୁକିନ୍ଦା ଓ ହରିପୁର କଲେଜକୁ ଯାଉଛି। ହେଲେ ସୁକିନ୍ଦା କଲେଜକୁ ଯାଉଥିବା ବହୁପୁରାତନ ବସ୍‌ଟିରେ ନୂତନ ରଙ୍ଗ ଲଗାଯାଇ ବ୍ୟବହାର କରାଯାଉଛି। ଯେଉଁଥିରେ କଂସ, କାଳିଆପାଣି, ଚିଙ୍ଗୁଡ଼ିପାଳ, ରାଁସୋଳ ଅଞ୍ଚଳର ଆଦିବାସୀ ଅଧ୍ୟୁସିତ ପଞ୍ଚାୟତର ବହୁ ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି। ବସ୍‌ଟି ବହୁ ସମୟରେ ଖରାପ ହୋଇ ରାସ୍ତାରେ ପଡ଼ିରହୁଥିବା ବେଳେ ରିସୋଲ ଟାୟାର ଲଗାଯାଇଛି। ଗତ କିଛି ଦିନ ତଳେ ଉକ୍ତ ବସ୍‌ର ଆଗ ଟାୟର ଫାଟିଯିବାରୁ ଛାତ୍ରୀଛାତ୍ର ଅଳ୍ପକେ ଦୁର୍ଘଟଣାରୁ ବତଯାଇଥିଲେ। କିନ୍ତୁ ରାସ୍ତାରେ ଟାୟାର ଫାଟିବାରୁ କେତେଜଣ ଛାତ୍ରୀଛାତ୍ର ଚାଲିଚାଲି କଲେଜ ଯାଇଥିବାବେଳେ ଆଉ କେତେଜଣ ଟ୍ରେକ୍‌ରେ ବସି ଯାଇଥିଲେ। ଏ ନେଇ କଲେଜ କମିଟି ସଭାପତି ପ୍ରଭାତ ପ୍ରଧାନଙ୍କୁ ପଚାରିବାରୁ, ବସ୍ ଦାୟିତ୍ୱ ଏବେ କମିଟି ହାତରେ ନାହିଁ। ବସ୍ ଚଳାଚଳ କଣ୍ଟ୍ରାକ୍ଟର ବୁଝୁଛନ୍ତି। ତେବେ ଦେଖାଦେଇଥିବା ସମସ୍ୟା ବାବଦରେ ବିଧାୟକଙ୍କୁ ଜଣାଇବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଚଣ୍ଡିଖୋଲ ଆର୍‌ଟିଓ ଅଧିକାରୀଙ୍କ ମତାମତ ମିଳିପାରି ନାହିଁ।




## ଘର ଥିବା ଲୋକଙ୍କୁ ତିତ୍‌ଲି ଗୃହ ପ୍ରଦାନ ଅଭିଯୋଗ

**ଯାଜପୁର ଟାଉନ,୧୨।୯(ଡିଏନଏ)**

ଯାଜପୁର ବ୍ଲକର ସିମିଳିଆ ଗ୍ରାମ ପଞ୍ଚାୟତରେ ତିତ୍‌ଲି ପାଇଁ ଆସିଥିବା ଗୃହ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ପଞ୍ଚାୟତର ବହୁ ଲୋକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ପ୍ରକାଶିତ ପତ୍ର ସଂଖ୍ୟା ୨୩୨୯୫/୬।୧୨।୨୦୧୮ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା କିମ୍ବା ନଷ୍ଟ ହୋଇଥିବା ପରିବାରଙ୍କୁ ଏହି ଗୃହ ଯୋଗାଇ ଦିଆଯିବ। କିନ୍ତୁ ବ୍ଲକ ପ୍ରଶାସନ ଏହି ନିର୍ଦ୍ଦେଶକୁ ଠିକ୍ ଭାବେ ପାଳନ କରିନାହିଁ ବୋଲି ଅଭିଯୋଗକାରୀମାନେ ଦର୍ଶାଇଛନ୍ତି। ୨/୩ ବଖରା କୋଠାଘର ଥିବା ଲୋକଙ୍କ ନାମରେ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ହିତାଧିକାରୀ ସଜାଇ ଦିଆଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ପଞ୍ଚାୟତର ଓଲେଇପଡା, ନଖେଇ, ମିର୍ଜାପୁର, ବଡବନ୍ତ, ମଇଦିପୁର, ଗୌଡସାହି ଗୋବିନ୍ଦପୁର, ସିମିଳିଆ, ତାଳପଦା, ସଠିଆଟିକିରି ପ୍ରତି ଗ୍ରାମର ପ୍ରାୟ ୧୨ଜଣଙ୍କ ନାମରେ ବେନିୟମ ଭାବେ ତିତିଲି ଗୃହ ଯୋଗାଇ ଦିଆଯାଇଥିବା ଅଭିଯୋଗ କରାଯାଇଛି। ବିଶ୍ୱଜିତ ବରାଳ, ନିର୍ମଳ କାକ୍, ଦେବେନ୍ଦ୍ର ନାୟକ, ଶଙ୍କର୍ଷଣ ରାଉତରାୟ, ଆଶିଷ କୁମାର ନାୟକ, ବିବେକାନନ୍ଦ ନାୟକ, ସମରେନ୍ଦ୍ର ନାୟକଙ୍କ ସମେତ କେତେଜଣ ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଏନେଇ ସିମିଳିଆର ସରପଞ୍ଚ ପରେଶ ବିଶ୍ୱାଳଙ୍କୁ ପଚାରିବାରୁ, ଏଭଳି ଅଭିଯୋଗକୁ ସେ ଦୃଢ ଭାବେ ଖଣ୍ଡନ କରିବା ସହିତ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଗୃହ ପ୍ରଦାନ କ୍ଷେତ୍ରରେ ସେଭଳି କୌଣସି ଅନିୟମିତତା କରାଯାଇ ନାହିଁ ବୋଲି କହିଛନ୍ତି। କେବଳ ସେତିକି ନୁହେଁ, ପଞ୍ଚାୟତର କିଛି ନ୍ୟସ୍ତ ସ୍ୱାର୍ଥଗୋଷ୍ଠୀ ବିଭିନ୍ନ ପ୍ରକାର ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଏବଂ ପଞ୍ଚାୟତରେ ନିୟମିତ ଭାବେ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଏଭଳି ମିଥ୍ୟା ଅଭିଯୋଗ ଆଣୁଛନ୍ତି ବୋଲି ସରପଞ୍ଚ ବିଶ୍ୱାଳ ଓଲଟା ଅଭିଯୋଗ ବାଢିଛନ୍ତି।

■ ଭାଜପାର ଜିଲା ସାଂଗଠନିକ କର୍ମଶାଳା

## ବୁଥ୍‌ସ୍ତରରେ ପୂର୍ଣ୍ଣାଙ୍ଗ କମିଟିକୁ ଗୁରୁତ୍ୱ



ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥି।

**ଯାଜପୁର ଅଫିସ/ ଯାଜପୁର ରୋଡ, ୧୨।୯(ନି.ପ୍ର)**

ଯାଜପୁର ଜିଲାରେ ଭାଜପାର ସାଂଗଠନିକ ସ୍ଥିତି କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଗତ ସାଧାରଣ ନିର୍ବାଚନରେ ଭାଜପା ଆଶାତୀତ ଭାବେ ଭୋଟ ପାଇ ଜିଲାରେ ଦ୍ୱିତୀୟ ସ୍ଥାନରେ ରହିଛି। ଜିଲାର ବଡ଼ଚଣା, ବରୀ ଓ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଭାଜପାର ଆଶାତୀତ ସଫଳତା କର୍ମୀଙ୍କୁ ଉତ୍ସାହିତ କରିଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୨ହଜାର ସଦସ୍ୟତା ଗ୍ରହଣ କରିଥିବାବେଳେ ଡିସେମ୍ବର ସୁଦ୍ଧା ୧ଲକ୍ଷ ୬୦ ହଜାର ସଦସ୍ୟ ଗ୍ରହଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ଆଗାମୀ ଦିନରେ ଭାଜପା କିଭଳି ଜିଲାରେ ୧ନମ୍ବର ଦଳ ହୋଇପାରିବ ସେ ନେଇ ବୁଥସ୍ତରରେ ପୂର୍ଣ୍ଣାଙ୍ଗ କମିଟି ଗଠନକୁ ଗୁରୁତ୍ୱାରୋପ କରାଯାଇଛି। ଏହିକ୍ରମରେ ଭାଜପା ଯାଜପୁର ଜିଲା ସାଂଗଠନିକ ନିର୍ବାଚନ କର୍ମଶାଳା ଓ ସଦସ୍ୟତା ସମୀକ୍ଷା ବୈଠକ ଗୁରୁବାର ଜହ୍ନାସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗୌତମ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଦେଶ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସାଂଗଠନିକ ସୁଦୃଢ ଉପରେ ଗୁରୁମନ୍ତ୍ର ଦେଇଥିଲେ। ସଂଗଠନ ପର୍ବରେ ନିର୍ଦ୍ଧାରିତ ସମୟରେ ଯାଜପୁର ଜିଲା ସାଂଗଠନିକ ପ୍ରକ୍ରିୟା ସମ୍ପାଦନ କରିବାକୁ ଅନୁରୋଧ କରିଥିଲେ। ଆସନ୍ତା ୧୪ ତାରିଖରୁ ଆରମ୍ଭ ହେଉଥିବା ସେବାସପ୍ତାହକୁ ବୁଥ୍‌ସ୍ତରରୁ ଆରମ୍ଭ କରି ଜିଲାରେ ବିଭିନ୍ନ ସେବା କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରି ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ସମ୍ପର୍କରେ ଅବଗତ କରାଇବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂ, ବିଶ୍ୱରଞ୍ଜନ ମଲ୍ଲିକ, ବିଶ୍ୱଜିତ ନାୟକ, ଅମର ନାୟକ, ଅମିୟ ମଲ୍ଲିକ, ବବିତା ମଲ୍ଲିକ, ଇତିଶ୍ରୀ ନାୟକ, ଜୟନ୍ତୀ ସାହୁ, ଦିପ୍ତୀମୟୀ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର କଲେ ମିଳିବ ପୁରସ୍କାର

**ଯାଜପୁର ଟାଉନ,୧୨।୯(ଡିଏନଏ)**

ରାଜ୍ୟ ସରକାର ଓଡ଼ିଶା ସରକାରୀ ଭାଷା ନିୟମାବଳୀ ୨୦୧୬ର ସଂଶୋଧନ କରିବା ପାଇଁ କେତେକ ନିୟମାବଳୀ ପ୍ରଣୟନ କରିଛନ୍ତି। ଏହି ନିୟମାବଳୀ ଓଡ଼ିଶା ସରକାରୀ ଭାଷା (ସଂଶୋଧନ) ନିୟମାବଳୀ ୨୦୧୯ ଭାବରେ ଅଭିହିତ ହେବ। ୨୦୧୬ ନିୟମ ୫ର ସଂଶୋଧନ ୫(କ) ଭାବେ ନୂତନ ନିୟମ ଅନ୍ତଃସ୍ଥାପିତ କରାଯାଇଛି। ଯେଉଁଥିରେ ପୁରସ୍କାର ବା ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ସରକାରୀ କାର୍ଯ୍ୟରେ ଓଡିଆ ଭାଷାର ବ୍ୟାପକ ବ୍ୟବହାର କରୁଥିବା କର୍ମଚାରୀ ତଥା ବିଭାଗକୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ଥିବାବେଳେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ପର୍ଯ୍ୟାପ୍ତ ବ୍ୟବହାରରେ ବାରମ୍ବାର ଖିଲାପ କଲେ ଖିଲାପକାରୀ କର୍ମଚାରୀଙ୍କ ବିରୋଧରେ ଓଡ଼ିଶା ବେସାମରିକ ସେବା ଅଧିନିୟମ ୧୯୬୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସର୍ବଭାରତୀୟ ବର୍ଗର ଅଧିକାରୀ ଏବଂ କେନ୍ଦ୍ରୀୟ ବେସାମରିକ ସେବା ବର୍ଗର ଅଧିକାରୀଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ଅନୁଶାସନିକ କାର୍ଯ୍ୟବିଧି ଅଧିନିୟମ ଅନ୍ତର୍ଗତ ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ଯାଜପୁର ଜିଲାର ସମସ୍ତ ବିଭାଗ ଓ କର୍ମଚାରୀମାନେ ଏହାକୁ ଅନୁପାଳନ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ପରାମର୍ଶ ଦେଇଛନ୍ତି।

■ ରାଶନ ସାମଗ୍ରୀ ପ୍ରଦାନରେ ଅନିୟମିତତା

## ଡିଲରଙ୍କ ବିରୋଧରେ ବିଡିଓଙ୍କୁ ଦାବିପତ୍ର

**ଦଶରଥପୁର,୧୨।୯(ଡିଏନ୍ଏ)**



ବିଡିଓଙ୍କୁ ରାହାସୋଇ ପଞ୍ଚାୟତର ରାଶନ ହିତାଧିକାରୀ ଦେଉଥିବା ଅଭିଯୋଗ।

ହିତାଧିକାରୀଙ୍କୁ ରାଶନ କାର୍ଡ ମାଧ୍ୟମରେ ପ୍ରଦାନ କରାଯାଉଥିବା ରାଶନ ସାମଗ୍ରୀରେ ଅନିୟମିତତା ହେଉଛି। ଏନେଇ ରାହାସୋଇ ପଞ୍ଚାୟତର ଶତାଧିକ ଜନସାଧାରଣ ଗୁରୁବାର ଦଶରଥପୁର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଯେ, ଦଶରଥପୁର ବ୍ଲକ ଅଧୀନ ରାହାସୋଇ ପଞ୍ଚାୟତର ୮,୯ ଏବଂ ୧୦ନଂ ୱାର୍ଡ ପାଇଁ ନିଯୁକ୍ତ ହୋଇଥିବା ଡିଲର ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରିବାରେ ଅନିୟମିତତା କରୁଥିବା ନେଇ ସମ୍ପୃକ୍ତ ୱାର୍ଡର ୧୩୦ ଜଣ ହିତାଧିକାରୀ ଗୁରୁବାର ଦଶରଥପୁର ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ବିଡିଓଙ୍କୁ ଦିଆଯାଇଥିବା ଅଭିଯୋଗରେ ହିତାଧିକାରୀମାନେ ଦର୍ଶାଇଛନ୍ତି ଯେ, ସେମାନଙ୍କ ୱାର୍ଡ ପାଇଁ ନିଯୁକ୍ତ ଡିଲର ହିତାଧିକାରୀଙ୍କୁ ଉଚିତ୍ ପରିମାଣରେ ରାଶନ ସାମଗ୍ରୀ ବଣ୍ଟନ ନ କରି ମନମୁଖିଭାବେ ପ୍ରଦାନ କରିଥାନ୍ତି। ହିତାଧିକାରୀଙ୍କ ମଧ୍ୟରୁ କେତେଜଣଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରୁଥିବାବେଳେ ଆଉ କେତେକଙ୍କୁ ପ୍ରଦାନ କରି ନ ଥିବା ଉଲ୍ଲେଖ କରିଛନ୍ତି। ଏହାଛଡା ଉକ୍ତ ଡିଲର ୩ ମାସ ହେଲା କୌଣସି ହିତାଧିକାରୀଙ୍କୁ କିରୋସିନ ଦେଇ ନ ଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କୁ ପଚାରିବାରେ, ଡିଲରଙ୍କ ଅଧୀନରେ ଥିବା ସମସ୍ତ ହିତାଧିକାରୀ ତାଙ୍କ ନାମରେ ଅଭିଯୋଗ ଆଣିଛନ୍ତି। ଏଣୁ ଅଭିଯୋଗ ହୋଇଥିବା ଡିଲରଙ୍କ ବିରୋଧରେ ତଦନ୍ତ କରାଯିବା ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍ଥାନୀୟ ଡିଲରଙ୍କ ଦ୍ୱାରା ରାଶନ ସାମଗ୍ରୀ ପ୍ରଦାନ କରାଯିବ ବୋଲି କହିଛନ୍ତି।

## ଖରସ୍ରୋତା ମହାବିଦ୍ୟାଳୟ ଓଡ଼ିଆ ସମ୍ମାନ ବିଭାଗର ସ୍ୱାଗତ ଉତ୍ସବ

**ସିଂହପୁର,୧୨।୯(ଡିଏନଏ):** ବିଞ୍ଝାରପୁର ବ୍ଲକ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟର ଓଡିଆ ସମ୍ମାନ ବିଭାଗ ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ଗଗନ ବିହାରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଯାଦବାନନ୍ଦ ବେହେରା, ଅଧାପକ ସତ୍ୟବ୍ରତ ପାଢୀ, ସୁବୋଧ ନାୟକ, ଘନଶ୍ୟାମ ଜେନା, ଶ୍ରୀକାନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ସାମଲ, ସୁବାସ ସାହୁ, ଅରୁଣ ସାମଲ, ଦେବବ୍ରତ ଧଳ, ମୀନକେତନ ତ୍ରିପାଠୀ, ପର୍ଶୁରାମ ସାହୁ, ଅଧାପିକା ଲୀଳାବତୀ ପଣ୍ଡା, ଗାୟତ୍ରୀ ଧଳ, ପୁଷ୍ପଲତା ଯେନା, ଅର୍ପିତା ସ୍ୱାଇଁ, ଶର୍ମିଷ୍ଠା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମାତୃଭୂମି ଓ ମାତୃଭାଷା ପ୍ରତି ସମ୍ମାନ ଜଣାଇ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବାକୁ ଆହ୍ୱାନ ଦିଆଯାଇଥିଲା। ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ନବାଗତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ବନ୍ଦାପନା କରାଯାଇଥିଲା ଓ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଶେଷରେ ଅଧାପିକା ରୋଜାଲିନ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

## କଳିଙ୍ଗନଗର ରୋଟାରି କ୍ଲବର ୬ଷ୍ଠ ଅଧିଷ୍ଠାନ ଦିବସ

**ଯାଜପୁର ରୋଡ,୧୨।୯(ନି.ପ୍ର)**

କଳିଙ୍ଗନଗର ରୋଟାରି କ୍ଲବର ୬ଷ୍ଠ ଅଧିଷ୍ଠାନ ଦିବସ ବୁଧବାର ଏକ ହୋଟେଲ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ରୋଟାରି ପାଷ୍ଟ ଡିଷ୍ଟ୍ରିକ୍ଟ ଗଭର୍ନର ଶିବବ୍ରତ ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତାଭାବେ ଆଇପିଡିଜି ଭବାନୀ ପ୍ରସାଦ ଚୌଧୁରୀ ଯୋଗ ଦେଇଥିଲେ। ଉତ୍ସବରେ କଳିଙ୍ଗନଗର ରୋଟାରି କ୍ଲବ ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ, ସମ୍ପାଦକ ଲୋକନାଥ ରାଉତଙ୍କଠାରୁ ଦାୟିତ୍ୱ ପରିବର୍ତ୍ତନ କରି ୨୦୧୯-୨୦ ବର୍ଷ ପାଇଁ ସଭାପତି ଭାବେ ଲୋକନାଥ ରାଉତ, ସମ୍ପାଦକ ଭାବେ ଶିବାନନ୍ଦ ନାୟକଙ୍କୁ ନୂତନ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଏହାକୁ ପରିଚାଳନା କରିଥିଲେ ଚାର୍ଟର ସମ୍ପାଦକ ଅକ୍ଷୟ କୁମାର ପତି। କଳିଙ୍ଗନଗର କ୍ଲବରେ ନୂତନ ଭାବେ ୭ଜଣ ସଭ୍ୟଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇ ଗ୍ରହଣ କରାଯାଇଥିଲା। ମୁଖ୍ୟଅତିଥି ଦାସ ସମସ୍ତ ନୂତନ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରି ଶୃଙ୍ଖଳତାର ସହ ସେବା ମନୋଭାବ ନେଇ କାମ କରିବାକୁ ଆହ୍ୱାନ ଦେଇଥିଲେ। କଳିଙ୍ଗନଗର କ୍ଲବ ସଭାପତି ରାଉତ ୨୦୧୯-୨୦ ବର୍ଷର ବୋର୍ଡ ଅଫ୍ ଡାଇରେକ୍ଟର ଘୋଷଣା କରିଥିଲେ। ସମ୍ପାଦକ ରୋଟାରିଆନ ଶିବାନନ୍ଦ ନାୟକ ୨୦୧୯-୨୦ ବର୍ଷର ଆକ୍ସନ ପ୍ଲାନ ବିବରଣୀ ପାଠ କରି ଯାଜପୁର ରୋଡରେ ଏକ ନୂତନ ରୋଟାରୀ ଭବନ ନିର୍ମାଣ ହେବାର ସୂଚନା ଦେଇଥିଲେ। ଏଥିରେ ଯାଜପୁର ଟାଉନ ରୋଟାରୀ କ୍ଲବ, ଭୁବନେଶ୍ୱର ହେରିଟେଜ୍‌ର ଦେବବ୍ରତ ପାଣିଗ୍ରାହୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଗଠନମୂଳକ ଓ ସେବାମୂଳକ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇ ସଭାରେ ଘୋଷଣା କରାଯାଇଥିଲା। କ୍ଲବ ତରଫରୁ ଚାର୍ଟର ସମ୍ପାଦକ ପତି, କାର୍ଯ୍ୟନିର୍ବାହୀ ସମ୍ପାଦକ ସୁଦୀପ୍ କୁମାର ମିଶ୍ର କ୍ଲବର ଉନ୍ନୟନମୂଳକ କାର୍ଯ୍ୟ ଓ ସାଂଗଠନିକ ପ୍ରକ୍ରିୟା ସୁଦୃଢ଼ କରିଥିବାରୁ ତାଙ୍କୁ ପ୍ଲାଟିନମ୍ ପଦକରେ ବିଭୂଷିତ କରାଯାଇଥିବାରୁ ତାଙ୍କୁ ଏହି ଅବସରରେ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

■ ଚଣ୍ଡିଖୋଲ ଆର୍‌ଟିଓ କାର୍ଯ୍ୟାଳୟରେ ଦଲାଲିରାଜ

# ଦଲାଲ ମାଧ୍ୟମରେ ନ ଗଲେ ହେଉନି ଦସ୍ତଖତ

**ଚଣ୍ଡିଖୋଲ,୧୨।୯(ଡି.ଏନ.ଏ)**



ଚଣ୍ଡିଖୋଲ ଆରଟିଓ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ଭିଡ଼।

■ ଦୈନିକ ୩ଶହରୁ ୪ଶହ ଲୋକଙ୍କ ଜମୁଛି ଭିଡ଼
■ ସାଧାରଣ ଲୋକ ଫର୍ମ ଡିପୋଜିଟ କଲେ ହେଉଛନ୍ତି ହଇରାଣ
■ ପ୍ରତ୍ୟେକ ଫର୍ମ ଉପରେ ୧୦୦ଟଙ୍କା ଏମ୍‌ଭିଆଇ ନେଉଥିବା ଅଭିଯୋଗ

ସେପ୍ଟେମ୍ବର ପହିଲାରୁ ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ଯାଞ୍ଚ ପ୍ରକ୍ରିୟାକୁ ପରିବହନ ବିଭାଗ ଓ ପୋଲିସ ତ୍ୱରାନ୍ୱିତ କରିଥିଲେ। ଏହି ଆଇନରେ ଅଧିକ ପରିମାଣର ଜରିମାନା ଆଦାୟ କରାଯିବାକୁ ନିୟମ ରହିଥିବାରୁ ଏବେ ସମସ୍ତ ଆରଟିଓ କାର୍ଯ୍ୟାଳୟରେ ଡ୍ରାଇଭିଂ ଲାଇସେନ୍ସ ପାଇଁ ବ୍ୟାପକ ଭିଡ଼ ଲାଗି ରହୁଥିବା ଦେଖିବାକୁ ମିଳୁଛି। ଚଣ୍ଡିଖୋଲସ୍ଥିତ ଆରଟିଓ କାର୍ଯ୍ୟାଳୟରେ ଗତ ୧ସପ୍ତାହ ଧରି ବ୍ୟାପକ ଭିଡ଼ ଲାଗି ରହିଛି। ଦୈନିକ ଲାଇସେନ୍ସ ପାଇଁ ୩ଶହରୁ ୪ଶହ ଲୋକ କାର୍ଯ୍ୟାଳୟ ସମ୍ମୁଖରେ ଲମ୍ବା ଧାଡ଼ି ବାନ୍ଧୁଛନ୍ତି। ତେବେ ଡ୍ରାଇଭିଂ ଲାଇସେନ୍ସ ସହ ହାଲୁକା ଯାନର ଫିଟନେସ ଦାୟିତ୍ୱ ମୋଟରଯାନ ଇନ୍ସପେକ୍ଟର (ଏମଭିଆଇ) ଚନ୍ଦ୍ରା ବିଶ୍ୱାସ ନେଇଛନ୍ତି। ସାଧାରଣ ଲୋକଟିଏ ଲାଇସେନ୍ସ ଫର୍ମ ଡିପୋଜିଟ କରିବାକୁ ଗଲେ କିମ୍ବା ଗାଡ଼ି ଚାଳନା ପରୀକ୍ଷା ଦେବାକୁ ଗଲେ ଏମ୍‌ଭିଆଇ ସମ୍ପୃକ୍ତ ଫର୍ମରେ ଦସ୍ତଖତ କରୁ ନ ଥିବା ଅଭିଯୋଗ ହୋଇଛି। ଯଦି ଦଲାଲଙ୍କ ମାଧ୍ୟମରେ ଫର୍ମଗୁଡ଼ିକ ଯାଉଛି ସେଥିରେ ସହଜରେ ଓ ଅନାୟାସରେ ଦସ୍ତଖତ କରାଯାଉଛି। ଫର୍ମଗୁଡ଼ିକ ଉପରେ ଦଲାଲଙ୍କ କୋଡ୍ ନମ୍ବର ଲେଖାଯାଉଛି। ସେଥିପାଇଁ ପ୍ରତ୍ୟେକ ଲାଇସେନ୍ସ ଫର୍ମ ଉପରେ ୧୦୦ଟଙ୍କା ଲେଖାଏଁ ଦଲାଲଙ୍କ ଜରିଆରେ ଏମ୍‌ଭିଆଇ ନେଉଥିବା ବହୁବ୍ୟକ୍ତି ଅଭିଯୋଗ କରିଛନ୍ତି। ଯେଉଁମାନେ ସିଧାସଳଖ ଯାଉଛନ୍ତି ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚରାଯାଇ ହଇରାଣ କରାଯାଉଛି। ତିନି ଚକିଆ ଓ ଚାରି ଚକିଆ ହାଲୁକା ଯାନର ଫିଟନେସ ସାର୍ଟିଫିକେଟ କେବଳ ଦଲାଲଙ୍କ ମାଧ୍ୟମରେ କରାଯାଉଛି। ସେଥିପାଇଁ ଏହି ପରିବହନ କାର୍ଯ୍ୟାଳୟ ଚର୍ତ୍ତୁପାର୍ଶ୍ୱରେ ୨ଶହରୁ ଅଧିକ ଦଲାଲ କାର୍ଯ୍ୟ କରୁଛନ୍ତି। ପରିବହନ ସଚିବ ଯେପରି କୌଣସି ଆରଟିଓ କାର୍ଯ୍ୟାଳୟରେ ଦଲାଲି ରାଜ ନ ଚାଲିବ ସେନେଇ ନିର୍ଦ୍ଦେଶନାମା ଜାରି କରିଥିଲାବେଳେ ଏଠାରେ ତାର ଖୋଲା ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳିଛି। ସେଥିପାଇଁ ଗୁରୁବାର ଆରଟିଓ କାର୍ଯ୍ୟାଳୟ ସମ୍ମୁଖରେ ଲମ୍ବା ଧାଡ଼ିରେ ଠିଆ ହୋଇଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଏହି ଘଟଣାକୁ ନେଇ କିଛି ବ୍ୟକ୍ତି ପାଟିତୁଣ୍ଡ କରୁଥିବା ଶୁଣିବାକୁ ମିଳିଥିଲା। ୨୦୧୬ରେ ଦଲାଲଙ୍କ ପାଇଁ ଚଣ୍ଡିଖୋଲ ଆରଟିଓ କାର୍ଯ୍ୟାଳୟ ବଦନାମ ହୋଇଥିଲା। ୨୭ଟି ଭୂତଗାଡ଼ିର ରେଜିଷ୍ଟ୍ରେଶନ ଦଲାଲଙ୍କ ମାଧ୍ୟମରେ କରି ଜଣେ ଜୁନିୟର ଏମ୍‌ଭିଆଇ ଓ ଷ୍ଟେନୋଙ୍କ ସମେତ ୬ଜଣ ଗିରଫ ହୋଇଥିଲେ। ଏବେ ମୋଟରଯାନ ଆଇନ ଲାଗୁ ହେବା ପରେ ପୁଣି ଦଲାଲମାନେ ସକ୍ରିୟ ହୋଇଉଠିଛନ୍ତି। ଏମାନଙ୍କୁ କିଛି ଅଧିକାରୀ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ଉଠିଛି। ଏ ସମ୍ପର୍କରେ ଏମ୍‌ଭିଆଇ ଚନ୍ଦ୍ରା ବିଶ୍ୱାସଙ୍କୁ ପଚାରିବାରେ, ଦଲାଲମାନେ ଯେତେବେଳେ ଫର୍ମ ଆଣି ଦେଉଛନ୍ତି ସେଠାରେ ଆମେ କିଛି କରିପାରିବୁ ନାହିଁ। ବୁଧବାର ୪୭ଟି ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା କରାଯାଇଥିବାବେଳେ ସେଥରେ ୪୦ଟି ଦଲାଲଙ୍କର ଥିଲା ଓ ୭ଜଣ ସିଧାସଳଖ ଭେଟି ଲାଇସେନ୍ସ ନେଇଛନ୍ତି ବୋଲି କହିଥିଲେ।

# ବିପଦପୂର୍ଣ୍ଣ ଭାବେ ଡଙ୍ଗା ଚଳାଚଳ

ଆଳି, ୧୨।୯ (ଡି.ଏନ୍.ଏ.)


ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଅବସ୍ଥାରେ ନଦୀ ପାର ହେଉଛନ୍ତି।

**ଆଳି ବ୍ଲକ**
- ନିୟମ ମାନୁନାହାନ୍ତି ଡଙ୍ଗା ମାଲିକ
- ସଚେତନତା ଅଭାବରୁ ଘଟୁଛି ଦୁର୍ଘଟଣା
- ପ୍ରଶାସନ ପାଖରେ ରହୁନି ପ୍ରକୃତ ତଥ୍ୟ

ରାଜ୍ୟରେ ଡଙ୍ଗାବୁଡ଼ି ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ଏହାଫଳରେ ବହୁ ଧନଜୀବନ ହାନୀ ଘଟୁଛି। ମାତ୍ର ଦୁର୍ଘଟଣାର ମାସେ ଦୁଇ ମାସ ଯାଏ ପ୍ରଶାସନିକ ତତ୍ପରତା ପ୍ରକାଶ ପାଉଥିବା ବେଳେ ଲୋକମାନେ ମଧ୍ୟ ସଚେତନ ହେଉଥିବା ଦେଖାଯାଉଛି। ମାତ୍ର କିଛିଦିନ ପରେ ସବୁ ନିୟମକାନୁନ୍‌କୁ ବେଖାତିର କରି ଡଙ୍ଗା ଚଳାଚଳ କରୁଛି। ନିକଟରେ ଢେଙ୍କାନାଳ ଓ ବାଲେଶ୍ୱର ଜିଲାରେ ଘଟିଥିବା ଡଙ୍ଗାବୁଡ଼ି ଘଟଣା ଏହାର ପ୍ରମୁଖ ଉଦାହରଣ। ନଦୀନାଳ ଘେରା କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ହୁକିଟୋଲାଠାରେ ଡଙ୍ଗା ବୁଡ଼ି ଘଟିଥିବା ବେଳେ ଜଣେ ଶିଶୁଙ୍କ ସମେତ ୯ ଜଣ ପ୍ରାଣ ହରାଇଥିଲେ। ଏହାପରେ ପ୍ରଶାସନିକ ଅଧିକାରୀଙ୍କ ତତ୍ପରତା କାରଣରୁ ଜିଲାର ବିଭିନ୍ନ ଘାଟରେ ଡଙ୍ଗା ଚଳାଚଳ ପାଇଁ ନିୟମ କଡ଼ାକଡ଼ି ଭାବେ ପାଳନ କରାଯାଉଥିବା ଦେଖାଯାଇଥିଲା। ହେଲେ ଆଳି ବ୍ଲକ ଅଞ୍ଚଳରେ ଏବେ ଏହି ନିୟମ କାନୁନ କେହି ଖାତିର କରୁ ନ ଥିବା ଦେଖାଯାଉଛି। ଟଙ୍କା ଲୋଭରେ ନାଉରିଆ ଡଙ୍ଗାରେ ଅଧିକରୁ ଅଧିକ ଲୋକ ଚଢ଼ାଉଥିବା ବେଳେ ଲୋକମାନେ ମଧ୍ୟ ବେପରୁଆ ଭାବେ ଯା'ଆସ କରୁଛନ୍ତି। ଗତ ଅଗଷ୍ଟ ମାସରେ ଆଳି ବ୍ଲକର ଜରି-ମଧୁବନ ଘାଟଠାରୁ କିଛି ଦୂରରେ ୩୦ ସ୍କୁଲ ପିଲାଙ୍କୁ ନଦୀ ପାର କରାଉଥିବା ଏକ ଡଙ୍ଗା ବୁଡ଼ି ଯାଇଥିଲା। ସୌଭାଗ୍ୟବଶତଃ ସମସ୍ତ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଏଭଳି ବେପରୁଆ ଡଙ୍ଗା ଚଳାଚଳ ପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉ ନ ଥିବା ଦେଖାଯାଉଛି।

ଆଳି ବ୍ଲକ ଅଧୀନ ପଦନୀପାଳ ପଞ୍ଚାୟତ ଖରସ୍ରୋତା ନଦୀ ଘେରରେ ଥିବାରୁ ପଦନୀପାଳ, ଦୈତାରୀପୁର ଓ କଳମଡ଼ା ଗ୍ରାମର ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବର୍ଷସାରା ଜଳବନ୍ଦୀ ହୋଇ ଜୀବନ କାଟୁଛନ୍ତି। ଘରୁ ବାହାରକୁ ଗୋଡ଼ କାଢ଼ିଲେ ସେମାନଙ୍କୁ ଡଙ୍ଗାର ଆବଶ୍ୟକତା ପଡ଼େ। ସେମାନଙ୍କ ପାଇଁ ଲାଇଫ୍ ଜ୍ୟାକେଟ ବ୍ୟବସ୍ଥା କରାଯାଇଥିଲେ ଏ ପର୍ଯ୍ୟନ୍ତ ଏହାର ବ୍ୟବସ୍ଥା କରାଯାଇନାହିଁ। ସେହିପରି ଏକମାଣିଆ ପଞ୍ଚାୟତର ଏକମାଣିଆ, ନଳପାହି ଓ ଦକ୍ଷିଣଡ଼ିହା ଗ୍ରାମ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ମଝିରେ ରହିଛି। ପ୍ରତିଦିନ ଶହ ଶହ ଲୋକ ଡଙ୍ଗାରେ ନଦୀ ପାର ହୋଇ ଆଳି ସଦର ମହକୁମାକୁ ବିଭିନ୍ନ କାର୍ଯ୍ୟରେ ଯା'ଆସ କରୁଛନ୍ତି। ହେଲେ ସେମାନଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ସେହିପରି ଆଳି ବ୍ଲକର ଗିରିବନ୍ଧ ଗ୍ରାମ ନିକଟରେ ଥିବା ବଳିତର ଘାଟ ପାର ହୋଇ ପ୍ରତ୍ୟହ ଶହଶହ ଲୋକ ଆଳିରୁ ରାଜକନିକା ଓ ରାଜକନିକାରୁ ଆଳିକୁ ଯାତାୟାତ କରିଥାନ୍ତି। ଡିମିରିପାଳ ପଞ୍ଚାୟତର ମଧୁବନଠାରେ ଥିବା ଜରି-ମଧୁବନ ଘାଟରେ ସ୍ଥାନୀୟ ଲୋକଙ୍କ ସମେତ ସ୍କୁଲ କଲେଜ ଛାତ୍ରୀଛାତ୍ର ଯାଆସ କରନ୍ତି। ଏହିସବୁ ଘାଟଗୁଡ଼ିକରେ ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବ ଦେଖାଯାଉଛି। ଘାଟ ନିଲାମ କରି ଟଙ୍କା ପାଇଯିବା ପରେ ଦାୟିତ୍ୱ ସାରି ଦେଉଛି ବ୍ଲକ ପ୍ରଶାସନ। ଏ ସମ୍ପର୍କରେ ଆଳି ବିଡିଓ ଜୟନ୍ତ କୁମାର ପୃଷ୍ଟିଙ୍କୁ ପଚାରିବାରେ, ଏ ପର୍ଯ୍ୟନ୍ତ ଆଳି ବ୍ଲକର ବିଭିନ୍ନ ନଦୀରେ ଚାଲୁଥିବା ଡ଼ଙ୍ଗାଗୁଡ଼ିକର ରେଜିଷ୍ଟ୍ରେଶନ କରାଯାଇନାହିଁ। ହେଲେ ଡଙ୍ଗା ଚଳାଚଳ ପାଇଁ ଯାହା ନୀତିନିୟମ ଅଛି ତାହା ପାଳନ କରିବାକୁ କୁହାଯାଇଥିଲେ ବି କେହି ନିୟମ ମାନୁନାହାନ୍ତି। ଆଗାମୀ ଦିନରେ କିଭଳି ଭାବରେ ରେଜିଷ୍ଟ୍ରେଶନ କରାଯାଇ ପାରିବ ସେ ବିଷୟରେ ସେ ଉପରିସ୍ଥ ଅଧିକାରୀମାନଙ୍କ ସହ ଆଲୋଚନା କରିବେ ବୋଲି ବିଡିଓ କହିଛନ୍ତି।

## ବାୟାବାବାଙ୍କ ୩୯ତମ ସ୍ମରଣୋତ୍ସବ

ରାଜନଗର, ୧୨।୯ (ଡି.ଏନ୍.ଏ.)

ସନାତମ ଧର୍ମର ଅନ୍ୟତମ ପରିବ୍ରାଜକ ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବାଙ୍କ ୩୯ତମ ସ୍ମରଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରାଜନଗର ବ୍ଲକ କେରଡାଗଡ଼ କଳ୍ପତରୁ ସେବା ସଂଘ ଆନୁକୂଲ୍ୟ ଆୟୋଜିତ ଉତ୍ସବ ଅବସରରେ ପ୍ରତ୍ୟୁଷରୁ ୪ର୍ଥ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ଏହାପରେ ଶ୍ରୀମଦ୍ ବାୟାବାବାଙ୍କ ପ୍ରତିମୂର୍ତ୍ତିକୁ କେରଡାଗଡ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା କୁଅରୁ ପାଣି ଅଣାଯାଇ ସ୍ନାନ କରାଯିବା ପରେ ଅଭିଷେକ କରାଯାଇଥିଲା। ୨୨ ମୌଜାର ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଏହି ଉତ୍ସବରେ ଯୋଗଦେଇଥିଲେ। ରାଧାମଦନମୋହନ ଜୀଉ ମାତୃ ସଂଘ କେରଡାଗଡ, ସଚ୍ଚିଦାନନ୍ଦ ମାତୃ ସଂଘ ବାଲିସାହିପାଟଣାର ମାଆମାନେ ଯୋଗଦେଇଥିଲେ। ଶାଖା ସଂଘ ସଭାପତି ବସନ୍ତ କୁମାର ପାତ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ଦାସ, ସମ୍ପାଦକ କପିଳ ଚନ୍ଦ୍ର ଦାସ, ଅନନ୍ତ କୁମାର ରାଉତ, ନିତ୍ୟାନନ୍ଦ ସିଂ, ଅକ୍ଷୟ କୁମାର ଦାସ, ଅକ୍ଷୟ କୁମାର ରାଉତ, ନଟବର ରାଉତ, କୃଷ୍ଣଚନ୍ଦ୍ର ପ୍ରଧାନ, ନିତ୍ୟାନନ୍ଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ମତ୍ସ୍ୟଜୀବୀଙ୍କୁ ସହାୟତା ରାଶି ବଣ୍ଟନ



ରାଜନଗର, ୧୨।୯ (ଡି.ଏନ୍.ଏ.): ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କ ଜୀବନ ଜୀବିକାରେ ଉନ୍ନତି ପାଇଁ ରାଜନଗର ବ୍ଲକ ସଭାଗୃହରେ ମତ୍ସ୍ୟଜୀବୀମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ସହକାରୀ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ରଙ୍କ ପୌରୋହିତ୍ୟରେ ସହାୟତା ରାଶି ବଣ୍ଟନ ମେଳା ଆୟୋଜିତ ହୋଇଥିଲା। ଏଥିରେ ବିଡିଓ ମନ୍ଦରଧର ମହାଳିକ, ଏମ୍‌ପିଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ସୁବାସ ଦାସ, ମାଧବ ସେଠୀ, ଜୟଦୁର୍ଗା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି ରଙ୍ଗାଧର ସେଠୀ, ସମ୍ପାଦକ ଗୋଲେଖି ସେଠୀ ଯୋଗଦେଇ ମତ୍ସ୍ୟଜୀବୀମାନଙ୍କୁ ସହାୟତା ରାଶି ବଣ୍ଟନ କରିଥିଲେ। ନିରଞ୍ଜନ ସେଠୀ, ମୀନାରାଣି ସେଠୀ, କଳ୍ପନା ସେଠୀ, ଶରତ ସେଠୀ, ବୁଦ୍ଧିରାମ ସେଠୀ, ଦେବକୀ ସେଠୀ, ସୁବାଷ ଦାସ ପ୍ରମୁଖ ୪୦ଜଣ ମତ୍ସ୍ୟଜୀବୀଙ୍କୁ ଅଢ଼େଇ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ମତ୍ସ୍ୟଜୀବିମାନେ ଏହି ଟଙ୍କାରେ ଜାଲ, ଡଙ୍ଗା ଆଦି ମରାମତି କରିବେ। ଏଥିସହ ବାର୍ଷିକ ୪ ପ୍ରତିଶତ ସୁଧହାରରେ ଟଙ୍କା ସୋସାଇଟିକୁ ଫେରାଇବେ।

## କେବୁଲ ଚ୍ୟାନେଲ ଅପରେଟର ସଂସ୍ଥା ଉପରେ ଚଢ଼ାଉ

ପଟ୍ଟାମୁଣ୍ଡାଇ, ୧୨।୯ (ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଥିବା କେବୁଲ ଚ୍ୟାନେଲ ଅପରେଟର ସଂସ୍ଥା ଉପରେ ବୁଧବାର ସନ୍ଧ୍ୟାରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, କେନ୍ଦ୍ରାପଡା ଜିଲା ପ୍ରଶାସନ ଓ ସ୍ଥାନୀୟ ପୋଲିସ ପକ୍ଷରୁ ମିଳିତ ଭାବେ ପକ୍ଷରୁ ଚଢାଉ କରାଯାଇଥିଲା। ଏହି ଟିମ୍ ପ୍ରଥମେ ପଟ୍ଟାମୁଣ୍ଡାଇ କଲେଜ ରୋଡ୍‌ଠାରେ ଥିବା କେବୁଲ ଚ୍ୟାନେଲ ଅପରେଟର ସଂସ୍ଥା ଉପରେ ଚଢ଼ାଉ କରି ରେକର୍ଡ ପତ୍ର ଯାଞ୍ଚ କରିଥିଲେ। ରେକର୍ଡପତ୍ର ଠିକ ଥିବା ବେଳେ ଡିଜିଟାଲ ପ୍ରସାରଣ ଅନୁମତି ନ ଥିବା ଜଣାପଡିଥିଲା। ତେବେ ଏହି ସଂସ୍ଥାର ପ୍ରସାରଣ କାର୍ଯ୍ୟକ୍ରମ ବନ୍ଦ ରହିଥିବାରୁ ଖୁବ୍ ଶୀଘ୍ର ଡିଜିଟାଲ ପ୍ରସାରଣ ପାଇଁ ଅନୁମତି ଆଣିବେ ଉକ୍ତ ସଂସ୍ଥା ମାଲିକ କହିଥିଲେ। ଏହାପରେ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗରଠାରେ ଥିବା କୁମାରେଶ୍ୱର କେବୁଲ ପ୍ରସାରଣ ସଂସ୍ଥା ଉପରେ ଚଢାଉ କରାଯାଇଥିଲା। ତାଙ୍କର ଡିଜିଟାଲ ପ୍ରସାରଣ ପାଇଁ ଅନୁମତି ନ ଥିବା ବେଳେ ବେଆଇନ ସିଗନାଲ ବ୍ୟବହାର କରି କେବୁଲ ସଂଯୋଗ ଦେଇ ଗ୍ରାହକମାନଙ୍କୁ ଠକୁଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ତେଣୁ ଏହି ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଓ ପ୍ରସାରଣ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି। ଗ୍ରାହକମାନଙ୍କୁ ଠିକ ଭାବେ କେବୁଲ ସେବା ଯୋଗାଇ ଦେବାକୁ କେନ୍ଦ୍ର ସରକାର କରିଥିବା ନିୟମ ଅନୁସାରେ ସେବା ଯୋଗାଇ ଦିଆଯାଉଛି କି ନାହିଁ ଜାଣିବା ପାଇଁ ଚଢାଉ କରାଯାଉଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି ଚଢାଉରେ ନୂଆଦିଲ୍ଲୀ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀ ଲକ୍ଷ୍ମଣ ମିଶ୍ର, କେନ୍ଦ୍ରାପଡ଼ା ଉପ ଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର ଏବଂ ସ୍ଥାନୀୟ ପୋଲିସ ଉପସ୍ଥିତ ଥିଲେ।

## ଲୁଣା, ଚିତ୍ରୋତ୍ପଳା, ବ୍ରାହ୍ମଣୀ ନଦୀରେ ବ୍ୟାରେଜ ନିର୍ମାଣ ଦାବି

କେନ୍ଦ୍ରାପଡା ଅଫିସ, ୧୨।୯

ମହାନଦୀ ଓ ବ୍ରାହ୍ମଣୀର ଜଳ ଜିଲାରେ ପ୍ରବାହିତ ନଦୀପଥ ଦେଇ ସମୁଦ୍ରକୁ ପଳାଇ ଯାଉଛି। କୃଷିପ୍ରଧାନ ଏହି ଜିଲାର ଚାଷୀ ଜଳ ପ୍ରକଳ୍ପ ନ ଥିବାରୁ ବର୍ଷ ସାରା ଫସଲ କରିବାରେ ଅସୁବିଧା ଭୋଗୁଛନ୍ତି। ଜିଲାରେ ପ୍ରବାହିତ ଲୁଣା, ଚିତ୍ରୋତ୍ପଳା ଓ ବ୍ରାହ୍ମଣୀ ନଦୀ ପଥରେ ବ୍ୟାରେଜ ନିର୍ମାଣ ହେଲେ ସମୁଦ୍ରରେ ମିଶି ଯାଉଥିବା ମହାନଦୀର ମଧୁର ଜଳ ସଂରକ୍ଷିତ ହୋଇପାରିବ। ଫଳରେ ଜିଲାର ଆର୍ଥିକ ବିକାଶ ହେବ। କେନ୍ଦ୍ରାପଡା ଜିଲା ଜନ ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାର ଏ ସମ୍ପର୍କିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଡାକ ଯୋଗେ ପଠାଯାଇଛି। ଏ ନେଇ ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଜିଲାର କୃଷି ସମ୍ପଦ ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମର ଜଳକୁ ନେଇ ତିଷ୍ଠିଛି। ତେବେ ଏହି ଦୁଇ ସିଷ୍ଟମରେ ଥିବା ନଦୀର ଜଳ ଜିଲାରେ ପୂର୍ଣ୍ଣ ଭାବେ ଉପଯୋଗ ହୋଇପାରୁନାହିଁ। ଜିଲାରେ ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମରେ ଥିବା କେତେଗୁଡ଼ିଏ ସ୍ଥାନରେ ବ୍ୟାରେଜ ନିର୍ମାଣ କରାଗଲେ ଜିଲାର କୃଷି ପାଇଁ ଜଳଯୋଗାଣ ସମସ୍ୟା ବହୁ ପରିମାଣରେ କମିଯିବ। ମହାନଦୀର ଶାଖା ଲୁଣା ଓ ଚିତ୍ରୋତ୍ପଳା ନଦୀର କୁଆଁରପାଳ ଓ ବ୍ରାହ୍ମଣୀ ନଦୀର ଅଳପୁଆ ନିକଟରେ ବ୍ୟାରେଜ ନିର୍ମାଣ କଲେ ଏହାକୁ ଚାଷ ସହିତ ପାନୀୟ ଜଳ ଭାବେ ଉପଯୋଗ କରାଯାଇପାରିବ। ଏହାଦ୍ୱାରା ମହାନଦୀ ଓ ବ୍ରାହ୍ମଣୀରେ ବନ୍ୟା ସମୟକୁ ଛାଡ଼ିଦେଲେ ବର୍ଷସାରା ଜଳ ସଂରକ୍ଷଣ ହୋଇ ଜିଲାର କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି ମଞ୍ଚ ସଭାପତି ସାମଲ କହିଛନ୍ତି। ଏହି ଦାବିପତ୍ରରେ ମଞ୍ଚର ଶତାଧିକ ସଦସ୍ୟ ସ୍ୱାକ୍ଷର କରିଥିବା ଜଣାପଡ଼ିଛି।

## ଜାତୀୟ ପାଠଚକ୍ର ପ୍ରସ୍ତୁତି ବୈଠକ

ମାର୍ଶାଘାଇ, ୧୨।୯ (ଡି.ଏନ୍.ଏ.)

ମାର୍ଶାଘାଇ ମହାବିଦ୍ୟାଳୟରେ ଜାତୀୟ ପାଠଚକ୍ର ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡା. ଅମୀୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ସମ୍ମାନ ବିଭାଗର ଜାତୀୟ ପାଠଚକ୍ର ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ବୈଠକରେ ୧୫ଟି ବିଭାଗର ବିଭାଗୀୟ ମୁଖ୍ୟଙ୍କ ସମେତ ପାଠଚକ୍ର କମିଟି ସଦସ୍ୟ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଚଳିତ ମାସ ୨୨ ତାରିଖରେ ସାମାଜିକ ବିଜ୍ଞାନ ବିଭାଗର ଜାତୀୟ ପାଠଚକ୍ର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ସୌମେନ୍ଦ୍ର ମୋହନ ପଟ୍ଟନାୟକ, ମୁଖ୍ୟବକ୍ତା ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଡା. ଦୀପକ କୁମାର ବେହେରା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

■ ଜିଲା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଚଢ଼ାଉ ଜାରି

## ଦ୍ୱିତୀୟ ଦିନରେ ୬୨ ହଜାର ଜରିମାନା ଆଦାୟ

କେନ୍ଦ୍ରାପଡା ଅଫିସ୍, ୧୨।୯


ସହରସ୍ଥିତ ଏକ ହୋଟେଲରେ ଚଢ଼ାଉ କରାଯାଉଛି।

କେନ୍ଦ୍ରାପଡା ଜିଲା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଗୁରୁବାର ବିଭିନ୍ନ ହୋଟେଲରେ ଚଢ଼ାଉ କରାଯାଇ ୬୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବିଭିନ୍ନ କାରଣ ପାଇଁ ଜରିମାନା ଆଦାୟ ହୋଇଥିବା ବେଳେ କେତେକ ହୋଟେଲରେ କାର୍ଯ୍ୟରତ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଟିମ ଗୁରୁବାର ସହରର ଶ୍ରୀକ୍ରିଷ୍ଣା ହୋଟେଲ, କଳିଙ୍ଗ ହୋଟେଲ, ହୋଟେଲ ଗୋଲଡେନ ପ୍ୟାଲେସ, ମୟୂରୀ ହୋଟେଲ, ବଳଦେବଜୀଉ ହୋଟେଲ, ନୀୟୁ କଳିକା ହୋଟେଲ, ତାରିଣୀ ହୋଟେଲ, ହିଲଟପ ହୋଟେଲ, ସାଇ ହୋଟେଲ, ପୂଜା ହୋଟେଲ, ବାସୁଦେବ ହୋଟେଲ, ମାର୍ଶାଘାଇ ବ୍ଲକ ମାଆ ମଙ୍ଗଳା ଛକର ମା'ମଙ୍ଗଳା ସୁଇଟ୍ସ ସେଣ୍ଟରରେ ଯାଞ୍ଚ କରିଥିଲେ। ଏହି ଚଢାଉରେ ବିଭିନ୍ନ ହୋଟେଲରେ ଥିବା ୧୩ଟି ଘରୋଇ ଗ୍ୟାସ ସିଲିଣ୍ଡର ସହିତ ୪୪କେଜି ଗ୍ୟାସ ଜବତ କରି ମୋଟ ୬୨ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ସେହିପରି ୨ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଥିଲା। ତନଖି ସମୟରେ ହୋଟେଲରେ ଥିବା ଜଙ୍କ୍ ଫୁଡକୁ ନଷ୍ଟ କରିଦିଆଯାଇଥିଲା। ଏଥିସହିତ ଉନ୍ନତ ଖାଦ୍ୟ ପ୍ରସ୍ତୁତ ପାଇଁ ସମସ୍ତ ହୋଟେଲକୁ ଚେତାବନୀ ଦିଆଯାଇଛି। ଏହି ଟିମରେ ସିଏସ୍‌ଓ ରଜନୀକାନ୍ତ ଦାସ, ଫୁଡ ଇନସପେକ୍ଟର ସମିତା ଦାସଙ୍କ ସହିତ ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ। ଏହି ଟିମ୍ ସୁଦର୍ଶନ ଜୁଏଲେରି ଓ ଇଣ୍ଟରନେଟ ଭେଣ୍ଡର ଅନୁଷ୍ଠାନ ଉପରେ ଅଚାନକ ଚଢ଼ାଉ କରି ବିଭିନ୍ନ ବେଆଇନ କାରବାର ଉପରେ କଟକଣା ଜାରି କରିଥିଲେ।

## ଗୋହତ୍ୟା, ଗୋଚାଲାଣ ବନ୍ଦ ଦାବି

କେନ୍ଦ୍ରାପଡା ଅଫିସ, ୧୨।୯


କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଉଛି।

ଗୋ ହତ୍ୟା ଓ ଗୋ ଚାଲାଣ ବନ୍ଦ ଦାବି କରି କେନ୍ଦ୍ରାପଡ଼ା ଜିଲାର ଗୋ-ଶ୍ରଦ୍ଧାଳୁବୃନ୍ଦଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଦାବିପତ୍ର ପ୍ରଦାନକାରୀ ଶଶାଙ୍କ ଶେଖର ଜେନା କହିଛନ୍ତି ଯେ, ଗୋ ଚାଲାଣ ଓ ଗୋ ହତ୍ୟା ଯୋଗୁ ଭାରତର ଅର୍ଥନୈତିକ ହାନି ଘଟୁଛି। ଗୋ ସୁରକ୍ଷା ଦ୍ୱାରା ପରିବେଶ ସୁରକ୍ଷିତ ହୋଇପାରିବ। ଏହି ଦାବିପତ୍ର ପ୍ରଦାନ ସମୟରେ ସୁଶାନ୍ତ କୁମାର ଦାସ, ରାମଚନ୍ଦ୍ର ବେହେରା, ମାଧବ ଚନ୍ଦ୍ର ପ୍ରଧାନ, ବିବେକାନନ୍ଦ ରଜନୀକାନ୍ତ ନାୟକ, ଜ୍ୟୋତିପ୍ରକାଶ ମହାରଣା, ଦେବାଶିଷ ଦାଶ, ମିଶ୍ର ପ୍ରମୁଖ ସାମିଲ ଥିଲେ।

## ଗଣେଶପୂଜା କମିଟିର ସୁବର୍ଣ୍ଣ ଜୟନ୍ତୀ

କେନ୍ଦ୍ରାପଡା ଅଫିସ, ୧୨।୯


ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ସହର ନିକଟ ଗୁଲନଗର ଗ୍ରାମର ମଠସାହି ଗଣେଶ ପୂଜା କମିଟିର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ଥାନୀୟ ଗୋବିନ୍ଦଜୀଉ କ୍ଲବ ପକ୍ଷରୁ ମନ୍ଦିର ପରିସରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ନଳିନୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସରପଞ୍ଚ ପୀତବାସ ବେହେରା, ପ୍ରତିଷ୍ଠାତା ରବୀନ୍ଦ୍ରନାଥ ରାଉତ, ଦେବାଶିଷ କୁବେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଭାରତୀୟ ପୂଜା ସଂସ୍କୃତି, ପରିବେଶ ସୁରକ୍ଷା ଓ ଜଳ ସଞ୍ଚୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୯୬୯ମସିହାରୁ ଅଦ୍ୟାବଧି ପରିଚାଳନା ଦାୟିତ୍ୱରେ ଥିବା ୧୫ଜଣ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବକୁ କ୍ଲବ ସଦସ୍ୟ ମନୋରଞ୍ଜନ ନାୟକ, ଜଗନ୍ନାଥ ସାହୁ, ସୁବ୍ରତ କିଶୋର ସାହୁ, ରମେଶ ଚନ୍ଦ୍ର ପାତ୍ର, ଜିତେନ୍ଦ୍ର କୁମାର ସାହୁ, ମନ୍ମଥ ଚକ୍ରବର୍ତ୍ତୀ, ଲୁଲୁ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

■ ସଂସ୍କୃତ ମଣ୍ଡଳ ବୈଠକ

## ସଂସ୍କୃତ ଟୋଲ୍‌ର ସୁରକ୍ଷା ଦାବି

କେନ୍ଦ୍ରାପଡା ଅଫିସ, ୧୨।୯

ସହରର ନସଡିପୁରସ୍ଥିତ ଅଭୟା ସଂସ୍କୃତ ବିଦ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ମଣ୍ଡଳସ୍ତରୀୟ ସଂସ୍କୃତ ମଣ୍ଡଳର ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପଣ୍ଡିତ ସୁବାସ ଚନ୍ଦ୍ର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାରମ୍ପରିକ ସଂସ୍କୃତ ଶିକ୍ଷାର ଅନ୍ତୁଡିଶାଳ ସଂସ୍କୃତ ଟୋଲର ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ଏହାର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। କେନ୍ଦ୍ରାପଡ଼ା ଜିଲାରେ ୧୯୯୪ ମସିହା ସୁଦ୍ଧା ୩୪ଟି ସଂସ୍କୃତ ଟୋଲ ଥିବା ବେଳେ ସମ୍ପ୍ରତି ମାତ୍ର ୨୩ଟି ଟୋଲ ରହିଛି। ସେଥିମଧ୍ୟରୁ ୧୦ଟି ଟୋଲ ଶହେ ବର୍ଷ ପୂର୍ବର ଅନୁଷ୍ଠାନ। ପ୍ରାୟ ୧୦ଟି ଟୋଲରେ ଶିକ୍ଷକ ପଦବୀ ପୂରଣ ହେଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିବାରେ ଲାଗିଛି। ଫଳରେ ଆସନ୍ତା ଶିକ୍ଷାବର୍ଷ ସୁଦ୍ଧା ଏହି ଟୋଲ୍‌ଗୁଡିକ ବନ୍ଦ ହେବାର ସମ୍ଭାବନା ଦେଖାଦେଇଛି। ଏପରିସ୍ଥିତିରେ ସଂସ୍କୃତ ଟୋଲରେ ଶିକ୍ଷକ ଓ ପଣ୍ଡିତ ପଦବୀକୁ ପୂରଣ କରାଯାଉ ବୋଲି ସଦସ୍ୟମାନେ ଦାବି ଉପସ୍ଥାପନ କରିଥିଲେ। ପଣ୍ଡିତ ଚିତ୍ତରଞ୍ଜନ ନନ୍ଦ, କରୁଣାକର ନାୟକ, ଜୟନ୍ତ ରାଉଳ, ବଳରାମ ବାଗ, ସଚ୍ଚିନ୍ଦ୍ର ପରିଡ଼ା, ନିରଞ୍ଜନ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ବୈଠକ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ।

# ମହାକାଳପଡ଼ା ଜଙ୍ଗଲ ଜମି ସମସ୍ୟା

କେନ୍ଦ୍ରାପଡା ଅଫିସ, ୧୨।୯

- ଅଦ୍ୟାବଧି କାର୍ଯ୍ୟକାରୀ ହୋଇନି ଜମିର କିସମ ପରିବର୍ତ୍ତନ ନିର୍ଦ୍ଦେଶ
- ଅନିଶ୍ଚିତତାରେ ୧୭ ଗ୍ରାମବାସୀ
- ରାଜସ୍ୱ ଦେଉଛନ୍ତି ଫର୍ମ-କେ ମାଧ୍ୟମରେ ହିତାଧିକାରୀ

ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଜଙ୍ଗଲ ଜମି ସମସ୍ୟା ତୁଟିବାର ନାଁ ଧରୁନି। ଫର୍ମ-କେ ହିତାଧିକାରୀଙ୍କ ପାଇଁ ଜିଲା ପ୍ରଶାସନ ଜମି ଚିହ୍ନଟ କରି ପାରି ନ ଥିବା ବେଳେ ଜଙ୍ଗଲ ଜମିକୁ ଘରବାଡ଼ି ଜମିରେ ପରିବର୍ତ୍ତନ କରିବା ନିର୍ଦ୍ଦେଶ ୨୦୧୭ରୁ ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଅପରପକ୍ଷେ କେନ୍ଦ୍ରାପଡା ଜିଲାରେ ନ୍ୟାଶନାଲ ରେଜିଷ୍ଟ୍ରାର ଅଫ୍ ସିଟିଜେନ୍ସ (ଏନ୍‌ଆର୍‌ସି) ପ୍ରସ୍ତୁତ ପାଇଁ କେନ୍ଦ୍ର ଗୃହ ବିଭାଗକୁ ଚିଠି ହୋଇଥିବାରୁ ମହାକାଳପଡ଼ାର ୧୭ ଗ୍ରାମବାସୀଙ୍କ ଭାଗ୍ୟ ଅନିଶ୍ଚିନ୍ତତା ମଧ୍ୟରେ ରହିଛି।

ମହାକାଳପଡ଼ା ତହସିଲ ଅଧୀନ ୧୭ ଗ୍ରାମରେ ବସବାସ କରୁଥିବା ବଙ୍ଗୀୟ ଶରଣାର୍ଥୀଙ୍କ ବାସଗୃହ ସମସ୍ୟା ପାଇଁ ୨୦୧୭ ସେପ୍ଟେମ୍ବର ୨୨ରେ ଭୁବନେଶ୍ୱରଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ, ମହାକାଳପଡ଼ା ବିଧାୟକ, ରାଜସ୍ୱ ବିଭାଗ ପ୍ରମୁଖ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ଯୁଗ୍ମ ସଚିବ ଓ କେନ୍ଦ୍ରାପଡ଼ା ଜିଲାପାଳ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଆଲୋଚନା ମୁତାବକ, ୧୯୭୨ରୁ ୧୯୮୦ ମସିହା ମଧ୍ୟରେ ଉକ୍ତ ୧୭ ଗ୍ରାମରେ ମୋଟ ୪,୯୦୭ ପରିବାର ୬୦୫୭.୫୯ ଏକର ଜମି ଦଖଲ କରି ବସବାସ କରିଆସୁଛନ୍ତି। ଜିଲା ପ୍ରଶାସନ ମାତ୍ର ୨୯.୦୫ ଏକର ଜମି ଲିଜ୍ ଆକାରରେ ଦେଇପାରିବ। ଅବଶିଷ୍ଟ ଜମି ଜଙ୍ଗଲ କିସମ ହୋଇଥିବାରୁ ଏହାର କିସମ ପରିବର୍ତ୍ତନ ପାଇଁ ତଦନ୍ତ କରାଯିବା ପରେ ଜିଲା ପ୍ରଶାସନ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଅନୁମତି ଲୋଡିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ହେଲେ ଅଦ୍ୟାବଧି ମାତ୍ର ୩୦୦ ପରିବାରର ଦଖଲ ଜମି ସମ୍ପର୍କରେ ତଦନ୍ତ ସରିଛି। ମାତ୍ର ଅବଶିଷ୍ଟ ୪,୬୦୭ ପରିବାର ଜମିର ସତ୍ୱ ନେଇ ଅନ୍ଧାରରେ ଅଛନ୍ତି। ଉପ ଜିଲାପାଳ ୨୦୧୮ ଅକ୍ଟୋବର ୧୬ ତାରିଖରେ ମହାକାଳପଡ଼ା ତହସିଲଦାରଙ୍କୁ ପଠାଇଥିବା ଚିଠି (ନଂ.-୬୫୪୫) ଅନୁଯାୟୀ ଫର୍ମ-କେ ମାଧ୍ୟମରେ ଜଙ୍ଗଲ ଜମିରେ ବସବାସ କରୁଥିବା ପରିବାରଠାରୁ ରାଜସ୍ୱ ଆଦାୟ କରାଯାଉଛି। କିନ୍ତୁ ଉକ୍ତ ଜମି ଜଙ୍ଗଲ ଜମି କିସମର ହୋଇଥିବାରୁ ସେମାନେ ନିଜର ସ୍ୱତ୍ୱ ସାବ୍ୟସ୍ତ କରିବାରେ ବିଫଳ ହୋଇଛନ୍ତି। ସୂଚନାଯୋଗ୍ୟ, ବଙ୍ଗ ବିଭାଜନ ସମୟରେ ମହାକାଳପଡ଼ା ତହସିଲ ଅଞ୍ଚଳରେ ମୋଟ ୧,୨୩୭ ଜଣ ଶରଣାର୍ଥୀଙ୍କୁ ଭାରତ ସରକାର ଥଇଥାନ କରିଥିଲେ। ୨୦୦୫ ଜାନୁୟାରୀ ୧୩ ତାରିଖରେ ତତ୍କାଳୀନ କେନ୍ଦ୍ରାପଡ଼ା ଜିଲାପାଳ ମହାକାଳପଡ଼ା ଅଞ୍ଚଳରେ ରହୁଥିବା ୧,୫୫୧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ପାଇଁ ନୋଟିସ (ନଂ.-୬୦୧) ଦେଇଥିଲେ। ଏହାପରେ ବି ଅନୁପ୍ରବେଶକାରୀ ସେହି ଅଞ୍ଚଳରୁ ଯାଇ ନ ଥିଲେ। କିନ୍ତୁ ୨୦୧୩ରୁ ଫର୍ମ-କେ ହିତାଧିକାରୀଙ୍କଠାରୁ ପାଉତି ମାଧ୍ୟମରେ ରାଜସ୍ୱ ଆଦାୟ ବନ୍ଦ ରହିଥିଲା। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିରଞ୍ଜନ ମହାପାତ୍ର କୁହନ୍ତି ଯେ, ମହାକାଳପଡ଼ା ଅଞ୍ଚଳରେ ଥିବା ଜମି ସମସ୍ୟାକୁ ସମାଧାନ ପାଇଁ ଜିଲା ପ୍ରଶାସନ ପ୍ରାଥମିକତା ଦେଇଛି। କେତେକ ଜମିର ତଦନ୍ତ ସରିଛି। ଖୁବ ଶୀଘ୍ର ତଦନ୍ତ ପ୍ରକ୍ରିୟା ଶେଷ କରାଯାଇ ଜମି କିସମ ପରିବର୍ତ୍ତନ ପାଇଁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗକୁ ଚିଠି କରାଯିବ ବୋଲି ଉପ ଜିଲାପାଳ ମହାପାତ୍ର ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## କଡ଼ାଙ୍ଗ-ଜଜାଙ୍ଗ ରାସ୍ତା ପିଚୁ କରିବାକୁ ଦାବି

ତିର୍ତ୍ତୋଲ,୧୨।୯(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତ କଡାଙ୍ଗ ମଠଠାରୁ ଜଜାଙ୍ଗ ପର୍ଯ୍ୟନ୍ତ ଥିବା କଚ୍ଚା ରାସ୍ତାକୁ ସବୁଦିନିଆ ପିଚୁ ରାସ୍ତାରେ ପରିଣତ କରିବା ପାଇଁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି। ଏହି କେନାଲ ବନ୍ଧ ରାସ୍ତା ଉପରେ ସ୍ଥାନୀୟ କଟରା, ପଟିଲୋ, ଗୋପାଳପୁର ସମେତ ବାଲିକୁଦା ବ୍ଲକ ମୂଲୁଗାଁ ପଞ୍ଚାୟତର ଲୋକମାନେ ନିର୍ଭରଶୀଳ। ରାସ୍ତାଟି ମାଟି ରାସ୍ତା ହୋଇଥିବାରୁ ବର୍ଷାଦିନେ ଯାତାୟାତ କରିବା ସମ୍ଭବ ହେଉନାହିଁ। ରାସ୍ତାର ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ତେଣୁ ଏହି ରାସ୍ତାକୁ ପିଚୁ କରିବା ପାଇଁ କଟରା ପଞ୍ଚାୟତ ସମିତିସଭ୍ୟ ବାଇଧର ବଳଙ୍କ ସହ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ସହ ଜଳସମ୍ପଦ ବିଭାଗକୁ ଅବଗତ କରାଯାଇଛି।

## ଶିକ୍ଷାଗୁରୁଙ୍କ ଜନ୍ମଦିନ ପାଳିତ



ବିରିଡ଼ି,୧୨।୯(ଡି.ଏନ.ଏ.): ବିରିଡ଼ି ବ୍ଲକ ଉତ୍ତରଶାସନ ପଞ୍ଚାୟତ ମଧଶାସନ ଗ୍ରାମ ତଥା ମହାବୀର ବିଦ୍ୟାପୀଠର ପ୍ରାକ୍ତନ ଶିକ୍ଷକ ଉତ୍ତମ କୁମାର ଦାଶଙ୍କ ୭୨ ତମ ଜୟନ୍ତୀ ମହାବୀର ଲାଇବ୍ରେରୀ ପକ୍ଷରୁ ପାଳିତ ହୋଇଛି। ଲାଇବ୍ରେରୀର ସଭାପତି ଅକ୍ଷୟ କୁମାର ବ୍ରହ୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରହରାଜ ପ୍ରତିଭା ପୂଜା ପରିଷଦ ସଭାପତି କବି କାଳୀ ପ୍ରସାଦ ମହାପାତ୍ର ମୁଖ୍ୟଅତିଥି, ଆଷାଢ଼ ସାହିତ୍ୟ ସଂସଦ ସଭାପତି କବି ପୀତାମ୍ବର ମହାପାତ୍ର ମୁଖ୍ୟବକ୍ତା, କୁନ୍ତଳା ମହାପାତ୍ର ଉପସଭାପତି ପଣ୍ଡିତ ଗୁରୁପ୍ରସାଦ ରଥ, ଧନଞ୍ଜୟ ବ୍ରହ୍ମା, ଚନ୍ଦ୍ରମଣୀ ଦାଶ, ରାମଚନ୍ଦ୍ର ପଣ୍ଡା, ଭବାନୀକାନ୍ତ ପଣ୍ଡା, ସୂର୍ଯ୍ୟନାରାୟଣ ବେହେରା, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ଚନ୍ଦ୍ର ବେହେରା, ମକର ମୋହନ ସାହୁ, ଅଧାପକ ବିଶ୍ୱରଞ୍ଜନ ଦାଶ, ତୁଷାର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାଗୁରୁ ଦାଶ ଓ ତାଙ୍କ ସ୍ତ୍ରୀ ଶିକ୍ଷୟିତ୍ରୀ ଗୀତା ଦାଶଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଲାଇବ୍ରେରୀର ସମ୍ପାଦକ ଉମାକାନ୍ତ ରଥ ଧନ୍ୟବାଦ ଦେଇଥିଲେ।

# ମମତାଙ୍କୁ ମିଳିଲା ୬.୪୦ କୁଇଣ୍ଟାଲ ଚାଉଳ

ଜଗତ୍‌ସିଂହପୁର ଅଫିସ,୧୨।୯

**ଧରିତ୍ରୀ ପ୍ରଭାବ**



■ ୩ ବର୍ଷ ଯାଏ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଥିଲେ

■ ଏଣିକି ଅନ୍ତ୍ୟୋଦୟ ଯୋଜନାରେ ମିଳିବ ଚାଉଳ

ଏରସମା ବ୍ଲକ ଢିଙ୍କିଆର ପ୍ରମୋଦ ସ୍ୱାଇଁଙ୍କ ସ୍ତ୍ରୀ ମମତା ସ୍ୱାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଦୀର୍ଘ ୩ ବର୍ଷ ହେଲା ଚାଉଳ ପାଇବାରୁ ବଞ୍ଚିତ ହୋଇଆସୁଥିଲେ। ଏହି ଯୋଜନାରେ ସାମିଲ ହେବାର ୭ ମାସ ପର୍ଯ୍ୟନ୍ତ ସେ ଚାଉଳ ପାଇଥିବାବେଳେ ଏହା ପରଠାରୁ ଅର୍ଥାତ୍ ୨୦୧୬ ଜୁଲାଇ ୧୫ରୁ ତାଙ୍କୁ ଆଉ ଚାଉଳ ଦିଆଯାଉ ନ ଥିଲା। ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ଯୋଜନାରୁ ବଞ୍ଚିତ କରାଯାଇଥିବା ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇଲା ପରେ ମମତାଙ୍କୁ ଚାଉଳ ପ୍ରଦାନ କରାଯାଇଛି। ତାହା ପୁଣି ଏକକାଳୀନ ୩୯ ମାସର। ମମତାଙ୍କ ପରିବାରରେ ୩ ଜଣ ସଦସ୍ୟ ଥିବାରୁ ମାସିକ ୧୫ କେ.ଜି. ହିସାବରେ ୩୭ ମାସର ୫.୫୫ କୁଇଣ୍ଟାଲ ଚାଉଳ ରାଶନ କାର୍ଡ ଅନୁଯାୟୀ ଦିଆଯାଇଛି। ଏହାବାଦ୍ ତାଙ୍କ ନାମକୁ ରାସନ କାର୍ଡ ହିତାଧିକାରୀ ତାଲିକାରୁ କଟାଯାଇ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇଛି। ତେଣୁ ମାସିକ ୩୫ କେ.ଜି. ହିସାବରେ ସେପ୍ଟେମ୍ବର ଓ ଅକ୍ଟୋବର ମାସର ୭୦ କି.ଗ୍ରା. ଚାଉଳ ଦିଆଯାଇଛି। ସେହିପରି ବାତ୍ୟା ଫନୀ ସମୟରେ ୧ ମାସର ଅଧିକ ଚାଉଳ ଦିଆଯାଇଥିଲା। ତେଣୁ ଏ ବାବଦ ୧୫ କେ.ଜି. ମିଶାଇଲେ ମୋଟ ଉପରେ ୬.୪୦ କେ.ଜି. ଚାଉଳ ଓ ୩୦ ଲିଟର କିରୋସିନ ମମତାଙ୍କୁ ଦିଆଯାଇଛି। ତାଙ୍କ ସ୍ୱାମୀ ପ୍ରମୋଦ ଏକ ୪ ଚକିଆ ଗାଡି ଭଡା କରି ଏହି ଚାଉଳ ଓ କିରୋସିନ ଘରକୁ ନେଇଛନ୍ତି। ଅବଶିଷ୍ଟ ୪୦ ଲିଟର ଅକ୍ଟୋବର ମାସରେ ଦିଆଯିବ ବୋଲି ଡିଲର କହିଥିବା ମମତା ସୂଚନା ଦେଇଛନ୍ତି।

ଏତେ ପରିମାଣର ଚାଉଳ ପାଇଲା ପରେ ମମତା ଓ ପ୍ରମୋଦ ଏହି ଅବସରରେ ଖୁସିବ୍ୟକ୍ତ କରିଛନ୍ତି। ତେବେ ବିଗତ ୩ ବର୍ଷ ହେଲା ସେମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ତାହାକୁ ମନେ ପକାଇ କାନ୍ଦି ପକାଇଥିଲେ। ଏହି ସମୟ ଭିତରେ ଅତି ଦୟନୀୟ ଜୀବନ ଅତିବାହିତ କରିବାକୁ ପଡିଛି ବୋଲି ସେମାନେ ଦୁଃଖର ସହ କହିଛନ୍ତି। ତାଙ୍କୁ ଜାଣିଶୁଣି ଯେଉଁମାନେ ହଇରାଣ କରିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ସେମାନେ ଅଧିକ ଖୁସି ହେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ପ୍ରମୋଦ ଢିଙ୍କିଆ ଡିଲର ପଏଣ୍ଟରୁ ୧୫।୭।୧୬ ପର୍ଯ୍ୟନ୍ତ ଚାଉଳ ଉଠାଉଥିଲେ। ତା'ପର ମାସରେ ମମତାଙ୍କ ନାଁ କଟି ଯାଇଥିବା ଦର୍ଶାଇ ଡିଲର ଆଉ ଚାଉଳ ଦେଇ ନ ଥିଲେ। କାହିଁକି ଦିଆଯିବ ନାହିଁ ବୋଲି ପ୍ରଶ୍ନ କରିବାରୁ ଡିଲର ତାଙ୍କୁ ଦୁର୍ବ୍ୟବହାର କରିଥିଲେ ବୋଲି ଏରସମା ବିଡିଓଙ୍କ ନିକଟରେ ପ୍ରମୋଦ କିଛିଦିନ ପୂର୍ବରୁ ଅଭିଯୋଗ କରିଥିଲେ। ଏଥିସହ ଢିଙ୍କିଆ ସମିତି ସଭ୍ୟ ଦେବେନ୍ଦ୍ର ସ୍ୱାଇଁ ଓ ଧରିତ୍ରୀର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇଲା ପରେ ତଦନ୍ତ ଆରମ୍ଭ ହୋଇଥିଲା। ଏରସମା ବିଡିଓଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଆକାଉଣ୍ଟସ୍ ଅଧିକାରୀ ତଦନ୍ତ କରି ମମତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ କରାଯାଇଥିବା ସ୍ପଷ୍ଟ ରିପୋର୍ଟ ଦାଖଲ କରିବା ସହ ଯିଏ ତ୍ରୁଟି କରିଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। ପରବର୍ତ୍ତୀ ସମୟରେ ବିଡିଓ କୈଳାସ ଚନ୍ଦ୍ର ବେହେରା କହିଥିଲେ, ଭୁଲ ସଂଶୋଧନ ହୋଇଛି ଓ ମମତାଙ୍କୁ ଏକକାଳୀନ ଚାଉଳ ଦିଆଯିବ। କିନ୍ତୁ ଅଭିଯୁକ୍ତମାନଙ୍କ ବିରୋଧରେ ଏଯାଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ଏ ସମ୍ପର୍କରେ କେତେଜଣ ସାମାଜିକ କର୍ମୀ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଦୀର୍ଘ ୩ ବର୍ଷ କାଳ ଜଣେ ଗରିବ ହିତାଧିକାରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଜାତୀୟ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯିବା ସାଂଘାତିକ ଘଟଣା। ମମତାଙ୍କୁ ଚାଉଳ ଦେଇଦେଲେ ନ୍ୟାୟ ମିଳିଗଲା ବୋଲି ଭାବିବା ଠିକ୍ ନୁହେଁ। ଚୋର ଚୋରି କରି ସାମଗ୍ରୀ ଫେରାଇଦେଲେ କଣ ଦୋଷମୁକ୍ତ। ଏହି ନ୍ୟାୟରେ ଆଗକୁ ସେମାନେ ନ୍ୟାୟାଳୟର ଆଶ୍ରୟ ନେବେ। ମମତାଙ୍କୁ ରାଶନ ଚାଉଳ ନ ମିଳିବାର ୩ ବର୍ଷ ପରେ ହଠାତ୍ ସେ ଜାଣିବାକୁ ପାଇଥିଲେ ଯେ ତାଙ୍କ ନାଁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇ ମାସିକ ୩୫ କେଜି ହିସାବରେ ଚାଉଳ ଉଠାଯାଉଛି। କମ୍ପ୍ୟୁଟର ସହାୟତାରେ ମମତାଙ୍କ ସ୍ୱାମୀ ପ୍ରମୋଦ ଏହା ଜାଣିବା ପରେ ବିସ୍ମିତ ହେବା ସହ ଡିଲରଙ୍କୁ ପଚାରିଥିଲେ। କିନ୍ତୁ ସମ୍ପୃକ୍ତ ଡିଲର ତାଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

## ମେ ଉଇ ହେଲ୍ପ ୟୁ କାର୍ଯ୍ୟକ୍ରମ

ତିର୍ତ୍ତୋଲ,୧୨।୯(ଡି.ଏନ.ଏ.)

ତିର୍ତ୍ତୋଲ ନିକଟ ସରଣୀଛକ ସ୍ଥିତ ଆନନ୍ଦ ମଣ୍ଡପ ପରିସରରେ ସାମାଜିକ ଅନୁଷ୍ଠାନ 'ମେ ଉଇ ହେଲ୍ପ ୟୁ' ପକ୍ଷରୁ କାର୍ଯ୍ୟକ୍ରମ 'ଏଇତ ଆରମ୍ଭ' ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ଉପଦେଷ୍ଟା ଅଧାପକ ବିଷ୍ଣୁ ଚରଣ ମୁଦୁଲୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏପରି ସାମାଜିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ଠିଆ ହେବାକୁ ଆହ୍ୱାନ ଦେଇଥିଲେ। କନିମୂଳ ସରପଞ୍ଚ ବେଦଦ୍ୟୁତି ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବତୀ ଯୁବକମାନେ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଜୀବେଶ କୁମାର ଦେବଦର୍ଶନ, ଅନୁଷ୍ଠାନର ଉପଦେଷ୍ଟା ଅଶ୍ୱିସୀ କୁମାର ସ୍ୱାଇଁ, ଯୁବନେତା ସଫି ଆଜମ, ଛାତ୍ରନେତା କମଳଜ୍ୟୋତି ଦାସ ଓ ଅଂଶୁମାନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାକେଶ ସ୍ୱାଇଁ, ସୁଦାମ ସ୍ୱାଇଁ, ଅନୁପମ ଦାସ, ଦେବାଶିଷ ସ୍ୱାଇଁ, ଲିଜାଲିନ ଦଳାଇ, ପ୍ରିୟଙ୍କା ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଅନୁଷ୍ଠାନର ଲୋଗୋ ଉନ୍ମୋଚନ କରିଥିଲେ।

### ଓମ୍‌ଫେଡ ମହାସଂଘ ସଭାପତି ଭାବେ ମିଥ୍ୟା ପ୍ରଚାର କରିବା ଅଭିଯୋଗ

# ଦୁଗ୍ଧ ସମବାୟ ସମିତିର ନିନ୍ଦା

ରଘୁନାଥପୁର, ୧୨।୯ (ଡି.ଏନ.ଏ.)

ଗତ ସେପ୍ଟେମ୍ବର ୧୦ରେ ଏକ ଗଣମାଧ୍ୟମରେ ଜଣେ ବ୍ୟକ୍ତି ନିଜକୁ ଓମଫେଡର ସଭାପତି ଭାବେ ମିଥ୍ୟା ପରିଚୟ ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜଗତ୍‌ସିଂହପୁର ଜିଲା ବିଭିନ୍ନ ଦୁଗ୍ଧ ସମବାୟ ସମିତିର ସମ୍ପାଦକମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ନିନ୍ଦା ପ୍ରସ୍ତାବ ଆଗତ କରିଛନ୍ତି। ଯଶୋବନ୍ତପୁର ଦୁଗ୍ଧ ସମବାୟ ସମିତିର ସମ୍ପାଦକ ପ୍ରବୀର କୁମାର ଦାସଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତି ୮ଟାରେ ଜଣେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ବୈଦ୍ୟୁତିକ ଗଣମାଧ୍ୟମରେ ନିଜର ଇଣ୍ଟରଭ୍ୟୁରେ ନିଜକୁ ଓମଫେଡ ମହାସଂଘର ସଭାପତି ଭାବେ ପରିଚୟ ରଖିଥିଲେ। ହେଲେ ଏଭଳି ବ୍ୟକ୍ତି କେହି ଓମଫେଡ ମହାସଂଘର ସଭାପତି ଥିବା କଥାକୁ ସେ ଖଣ୍ଡନ କରିଛନ୍ତି। ଓମଫେଡ ପରିଚାଳନା ପରିଷଦର ସଭ୍ୟ ଦିଲୀପ କୁମାର ଲେଙ୍କା ଓ ଶ୍ରୀକାନ୍ତ ଜେନାଙ୍କ କହିବା ଅନୁଯାୟୀ, ସାରା ଓଡ଼ିଶାରେ ୧୧ଟି ଦୁଗ୍ଧ ୟୁନିୟନ କାର୍ଯ୍ୟ କରୁଛି। ଏମାନଙ୍କ ଦ୍ୱାରା ନିର୍ବାଚନ ପଦ୍ଧତିରେ ଜଣକୁ ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଥାଏ। ସେମାନଙ୍କ କାର୍ଯ୍ୟକାଳ ୫ ବର୍ଷ ହୋଇଥାଏ। ଗତ ୨୦୧୫ରୁ ସରୋଜିନୀ ମିଶ୍ର ଏହାର ଅଧ୍ୟକ୍ଷା ଭାବେ ରହି କାର୍ଯ୍ୟ ତୁଲାଉଛନ୍ତି। କେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ନିଜର ପ୍ରଚାର ପାଇଁ ପ୍ରାଇଭେଟ ଡେରୀ ପ୍ରରୋଚନାରେ ଓମ୍‌ଫେଡ ସଂସ୍ଥାକୁ ବଦନାମ କରିବାକୁ ଉଦ୍ୟମ ଚଳାଉଛନ୍ତି। ଯଦି ସେ ସଭାପତି ପଦବୀରେ ଅଛନ୍ତି ତାହା ହେଲେ ପରିଚାଳନା ପରିଷଦରେ ଡକ୍ୟୁମେଣ୍ଟ ସହ ପ୍ରମାଣ ଦେବାକୁ ସେମାନେ ଆହ୍ୱାନ କରିଛନ୍ତି। ସାଧାରଣରେ ବିଭ୍ରାନ୍ତିକର ତଥ୍ୟ ଦେଇ ଦୁଗ୍ଧ ଚାଷୀଙ୍କୁ ଭୁଆଁ ବୁଲାଉଥିବା ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅରଜଙ୍ଗ ଦୁଗ୍ଧ ସମବାୟ ସମିତି ସମ୍ପାଦକ ରମାକାନ୍ତ ନାଥ, ଖଣ୍ଡାସାହିର ଧ୍ରୁବଚରଣ ପରିଡା, ସିଠାଳର ବୀରବର ବେହେରା, ନାଗପୁରର ପ୍ରଶାନ୍ତ କୁମାର ରାୟ, କୋଲରର ଯୋଗେଶ ନନ୍ଦନ ସ୍ୱାଇଁ, ହଂସୁରାର ତପନ ଦାସ, ମଣିଜଙ୍ଗାର ବିଜୟ ସେଠୀ, ବଣିତର ମନୋରଞ୍ଜନ ପଣ୍ଡା, ଖରିକୁଦର ବିଭୂତି ଭୂଷଣ ଦାସ, ଜଁକୋଠୀର ନାରାୟଣ ପଲେଇ, ବାମରାର ପ୍ରଭୁ କଲ୍ୟାଣ ପରିଡାଙ୍କ ସମେତ ସମ୍ପାଦକମାନେ ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ଖବରକାଗଜ ବିତରକ ଆହତ

ପାରାଦୀପ,୧୨।୯(ସ୍ୱ.ପ୍ର.)

ପାରାଦୀପ ବନ୍ଦର ଭିତ୍ତିକ ଶିଳ୍ପ ସହରରେ ଖବରକାଗଜ ବିତରକ ଭାବେ ଗତ ୩୦ ବର୍ଷ ହେଲା କାମ କରୁଥିବା ରଞ୍ଜନ କୁମାର ସାହୁ ଓରଫ ଟୁକୁନା (୪୯) ବୁଧବାର ଦୁର୍ଘଟଣାରେ ଆହତ ହୋଇଛନ୍ତି। ସେ ପାରାଦୀପରୁ ସନ୍ଧ୍ୟାରେ ନିଜ ଘର କୁଜଙ୍ଗ ବ୍ଲକ ଗଉଡି ଗ୍ରାମକୁ ଯାଉଥିବାବେଳେ ଗାଡିରୁ ଖସି ପଡ଼ିଥିଲେ। ଏଥିରେ ତାଙ୍କ କାନ୍ଧ ହାଡ଼ ଭାଙ୍ଗିଯାଇଛି। ବିତରକ ସଂଘର ସେ ଜଣେ ଛାମୁଆ ସଦସ୍ୟ। ଅନ୍ୟ ବିତରକମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ତାଙ୍କୁ ସାକ୍ଷାତ କରିବା ସହ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ଡାକ୍ତର ତାଙ୍କୁ ୮ ସପ୍ତାହ ବିଶ୍ରାମ ପାଇଁ ପରାମର୍ଶ ଦେଇଛନ୍ତି।

## ପଙ୍କପାଳ ଶିଶୁ ବିଦ୍ୟାମନ୍ଦିରର ସଫଳତା



ବିଜ୍ଞାନମେଳାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର।

କୁଜଙ୍ଗ,୧୨।୯(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ୍ ପଙ୍କପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩ ଜଣ ଛାତ୍ରୀଛାତ୍ର ବିଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ସଫଳତା ଅର୍ଜନ କରିଛନ୍ତି। ହରଚଣ୍ଡି ସାହୀ, ପୁରୀ ବିଦ୍ୟାମନ୍ଦିରରେ ହୋଇଥିବା ଏହି ମେଳାରେ ସେମାନେ ୨ୟ ସ୍ଥାନ ଅର୍ଜନ କରିଛନ୍ତି। ପୂର୍ବରୁ ସେମାନେ ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ସଙ୍କୁଳ ସ୍ତରରେ ପ୍ରଥମ ହୋଇ ବିଭାଗସ୍ତରକୁ ଉନ୍ନିତ ହୋଇଥିଲେ। ସେଠାରେ ଅନୁଷ୍ଠିତ ବିଜ୍ଞାନ ପ୍ରଶ୍ନମଞ୍ଚ ଗ୍ରୁପ ଇଭେଣ୍ଟରେ ନନ୍ଦିନୀ ଦାସ, ବାଗ୍ମୀ ମହାପାତ୍ର ଓ ସୌମ୍ୟରଞ୍ଜନ ସାହୁ ୨ୟ ସ୍ଥାନ ଅର୍ଜନ କରିଛନ୍ତି। ଏଥିପାଇଁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ସ୍ୱାଇଁ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୋଲିସର ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,୧୨।୯(ସ୍ୱ.ପ୍ର.)



କାର୍ଯକ୍ରମରେ ଉପସ୍ଥିତ ଥାନା ଅଧିକାରୀ ଓ ଅନ୍ୟ ଅତିଥି।

ପାରାଦୀପ ଆଦର୍ଶ ଥାନା ପକ୍ଷରୁ ଗୁରୁବାର ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବାଇକ ଚାଳକମାନେ ହେଲ୍‌ମେଟ ବ୍ୟବହାର କରିବା, ଗାଡିରେ ୨ରୁ ଜଣରୁ ଅଧିକ ନ ବସିବା, କାର ଚାଳକ ଓ ଯାତ୍ରୀ ସିଟ୍ ବେଲ୍ଟ ପିନ୍ଧିବା ସମ୍ପର୍କରେ ଏଥିରେ କୁହାଯାଇଥିଲା। ଏଥିସହ ଛାତ୍ରୀଛାତ୍ର ଗାଡି ଚାଳକମାନଙ୍କୁ ସଚେତନ କଲେ ଅଧିକ ଫଳପ୍ରଦ ହେବ ବୋଲି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ରଜନୀକାନ୍ତ ସାମଲ ପ୍ରକାଶ କରିଥିଲେ। ପାରାଦୀପ କଲେଜ ଓ ପୋର୍ଟ ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏଥିସହ ପୋର୍ଟ ଟାଉନ୍‌ସିପ୍‌ର ଅଠରବାଙ୍କୀ, ପିପିଏଲ ଛକ, ଇଫ୍‌କୋ ଛକ, ମାଉସୀ ମା' ମନ୍ଦିର ଛକ, ହୋଟେଲ ଛକ, ଥାନା ଛକ ସମେତ ପ୍ରତ୍ୟେକ ଟ୍ରାଫିକ ପୋଷ୍ଟରେ ବଡ଼ ବଡ଼ ହୋର୍ଡିଂ ଦ୍ୱାରା ସଚେତନ ହେବାକୁ ସୂଚନା ଦିଆଯାଇଛି। ପୋଲିସର ମୋ' ସରକାର କାର୍ଯ୍ୟକ୍ରମ ଓ ଅନ୍‌ଲାଇନ ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା।

## ଅବକାରୀ ଚଢ଼ାଉ: ୪ ଗିରଫ

ସାଲେପୁର,୧୨।୯ (ଡି.ଏନ୍.ଏ.)

ସାଲେପୁର ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୩୫ ବୋତଲ ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ମାମଲା (ନଂ.୩୭,୩୮,୨୬,୨୭/୧୯)ରୁଜୁ କରାଯାଇଛି। ଏନେଇ ଅଭିଯୁକ୍ତ କଟରପା ଗ୍ରାମର କୈଳାସ ଚନ୍ଦ୍ର ବେହେରା(୩୮), ସ୍ୱପ୍ନେଶ୍ୱର ବେହେରା(୪୮), ଓଡ଼ାସିଂହ ଗ୍ରାମର ପ୍ରଭଞ୍ଜନ ବେହେରା (୫୨) ଓ ରେବା ଗ୍ରାମର ଗୌତମ ସାମଲ(୩୨)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ଅବକାରୀ ବିଭାଗ ଭ୍ରାମ୍ୟମାଣ ନିରୀକ୍ଷକ ପ୍ରଦୀପ ସାମଲ, ସାଲେପୁର ଅବକାରୀ ଉପ-ନିରୀକ୍ଷକ ତେଲେଶ୍ୱର ଲାକ୍ରା, ସହ-ଉପନିରୀକ୍ଷକ ଶରତ ଚନ୍ଦ୍ର ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ସ୍ୱୟଂସହାୟିକା ଗୋଷ୍ଠୀର ରାସ୍ତା ସଫେଇ

ବିରିଡ଼ି,୧୨।୯(ଡି.ଏନ.ଏ.)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଞ୍ଜର ଓ ବସୁମାତା ଅନୁଷ୍ଠାନ ମଙ୍ଗୁଲି ସହଯୋଗରେ ସ୍ୱଚ୍ଛ ଭାରତ ଅଭିଯାନରେ ବିରିଡ଼ି ବ୍ଲକ ଚେକାମାଳ ଗ୍ରାମରେ ଥିବା ମା'ଗାୟତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଗ୍ରାମରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ସହ ପରିବେଶ ପ୍ରଦୂଷଣ ରୋକିବା ଏସଏଚ୍‌ଜିର ମହିଳାମାନେ ସଚେତନତା ସୃଷ୍ଟି କରିଥିଲେ। ଏଥିସହ ଗ୍ରାମ ରାସ୍ତା ସଫା କରାଯାଇଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଗଛଲତା, ଅଳିଆ ଆବର୍ଜନାକୁ ମହିଳାମାନେ ସଫା କରିଥିଲେ। ଏଥିରେ ବସୁମାତାର ସମ୍ପାଦକ ଗୟାଧର ମହାନ୍ତି, ଏସଏଜଚିର ସଭାନେତ୍ରୀ ସବିତାବାଳା ସାହୁ, ସମ୍ପାଦିକା ଓ ୱାର୍ଡସଭ୍ୟା ନିରୁପମା ସାହୁ, ସଭ୍ୟା ନଳିନୀ ସାହୁ, ସସ୍ମିତା ସାହୁ, ନିହାରିକା ପୃଷ୍ଟି, ବବିତା ସାହୁ, ଶ୍ରଦ୍ଧାଞ୍ଜଳି ସାହୁ ପ୍ରମୁଖ ସାମିଲ ହୋଇଥିଲେ।




ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ।

### ■ ଶିଖରଘାଟ-ବାଲିଭଉଁରୀ ରାସ୍ତା ଶୋଚନୀୟ

# ନିର୍ମାଣ ନ ସରୁଣୁ ଗୋଡ଼ି ଉଠିଲାଣି

ନାଉଗାଁ,୧୨।୯(ସ୍ୱ.ପ୍ର.)

ନାଉଗାଁ ବ୍ଲକର ମୁଖ୍ୟ ରାସ୍ତା ହେଉଛି ଶିଖର-ବାଲିଭଉଁରୀ ରାସ୍ତା। ଏହି ରାସ୍ତା ଗୋଟିଏ ପଟେ ଜଗତ୍‌ସିଂହପୁର ଓ ଅନ୍ୟ ପଟେ ପୁରୀ ଜିଲାକୁ ସଂଯୋଗ କରୁଛି। ପୂର୍ତ୍ତ ବିଭାଗ ଅଧୀନ ଏହି ରାସ୍ତାର ଶିଖରଘାଟଠାରୁ ବାଲିଭଉଁରୀ ପର୍ଯ୍ୟନ୍ତ ୨୫ କିମି ଶୋଚନୀୟ ହୋଇପଡିଛି। ପର୍ଯ୍ୟାୟ କ୍ରମେ ଟେଣ୍ଡର ମାଧ୍ୟମରେ ବିଭାଗ ପକ୍ଷରୁ ଏହି ରାସ୍ତା କରାଯାଉଥିଲେ ହେଁ କେଉଁଠି କାମ ନ ସରୁଣୁ ରାସ୍ତାରୁ ଗୋଡ଼ି ଉଠିଯାଉଛି ତ ଆଉ କେଉଁଠି ୫ ବର୍ଷ ପୂରଣ ନ ହେଉଣୁ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଅନ୍ୟପକ୍ଷରେ ପାଳସାହିଠାରୁ ବାଲିଭଉଁରୀ ପର୍ଯ୍ୟନ୍ତ ରାସ୍ତା ପାଇଁ ଟେଣ୍ଡର କରାଯାଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ହୋଇନାହିଁ।

୨୦୧୪-୧୫ ଆର୍ଥିକ ବର୍ଷରେ ନାଉଗାଁ ବଜାରରେ ଥିବା ପେଟ୍ରୋଲ ପମ୍ପ ନିକଟରୁ ପାଳସାହି ଛକ ପର୍ଯ୍ୟନ୍ତ ୨ କିମି ରାସ୍ତା ପାଇଁ ଟେଣ୍ଡର କରାଯାଇ କରୁଣାକର ରାଉତ ନାମକ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ରାସ୍ତା ନିର୍ମାଣ ପାଇଁ ୪ କୋଟି ୮୦ ହଜାର ଟଙ୍କା ବ୍ୟୟବରାଦ କରାଯାଇଥିଲା। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ଏହି ରାସ୍ତା ପାଇଁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ୨ ଜଣ ଠିକାଦାରଙ୍କୁ କାମ ଦିଆଯାଇଥିଲା। ଶିଖରଘାଟ ୦ କି.ମି.ଠାରୁ ୯ କିମି ପର୍ଯ୍ୟନ୍ତ ରାଉତ ଇମ୍‌ଫ୍ରାକୁ କାମ ଦିଆଯାଇଥିବା ବେଳେ ୯ ରୁ ୧୪ କିମି କାମ ଠିକାଦାର ପବିତ୍ର ନାୟକଙ୍କୁ ଦିଆଯାଇଥିଲା। ତେବେ ଶିଖରଘାଟଠାରୁ ନାଉଗାଁ ବଜାର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସରି ନ ଥିବାବେଳେ ନୂତନ ରାସ୍ତାରୁ ଗୋଡ଼ି ଉଠିଗଲାଣି। ଏପରିକି ରାସ୍ତାର ଦୁଇ ପାର୍ଶ୍ୱ ପ୍ରଶସ୍ତିକରଣ ହେବାକୁ ଥିବାବେଳେ ଏ ପର୍ଯ୍ୟନ୍ତ କାର୍ଯ୍ୟ ସରିନାହିଁ।



ପଳାସାହି-ବାଲିଭଉଁରୀ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି।

ଶିଖର ଗ୍ରାମ ଦେଇ ଆସିଥିବା ଏହି ରାସ୍ତା ନିର୍ମାଣ ପୂର୍ବରୁ ଏଠାରେ ବର୍ଷାଜଳ ଜମି ରହୁଥିଲା। ଏବେ ରାସ୍ତା ନିର୍ମାଣ ପରେ ମଧ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇ ନ ଥିବାରୁ ସମାନ ଅବସ୍ଥା ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ପୁରୀ, କଟକ, ପାରାଦୀପ ଆଦି ବିଭିନ୍ନ ସ୍ଥାନକୁ ଯାତ୍ରୀବାହୀ ଓ ମାଲବାହୀ ଗାଡ଼ି ଚଳାଚଳ କରୁଛି। ତେଣୁ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସେହିପରି ରାସ୍ତା ନିର୍ମାଣ ସମ୍ପର୍କରେ ଠିକାଦାର କୌଣସି ସୂଚନା ଫଳକ ଲଗାଇ ନାହାନ୍ତି। ପାଳସାହିଠାରୁ ବାଲିଭଉଁରୀ ରାସ୍ତା ନିର୍ମାଣ ଆରମ୍ଭ ହୋଇ ନ ଥିବାରୁ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା କାମ ଶୀଘ୍ର ସାରିବାକୁ ଜିଲାପାଳ ସଂଗ୍ରାମ କେଶରୀ ମହାନ୍ତି ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ରାସ୍ତା କାମ କରାଯାଇ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ନାରାୟଣ ସାହୁଙ୍କୁ ପଚାରିବାରେ ସେ ଭୁବନେଶ୍ୱରରେ ଥିବା କହି ଫୋନ୍ କାଟି ଦେଇଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୩/୨୦୧୯ Bhubaneswar, Friday, September 13/2019

## ■ ମାର୍କଣ୍ଡପୁର ପ୍ୟାକ୍ସରେ ମହାଦୁର୍ନୀତି ମାମଲା

# ପୂର୍ବତନ ସମ୍ପାଦକ, ସହ ସମ୍ପାଦକଙ୍କୁ ସମନ

**ଯାଜପୁର ଅଫିସ,୧୨।୯**

■ସମ୍ପୃକ୍ତ ଚାଷୀ ପରିବାରଙ୍କୁ ଶେଷ ସୁଯୋଗ

■୨୧ରେ ପରବର୍ତ୍ତୀ ଶୁଣାଣି

ଯାଜପୁର ଜିଲା ମାର୍କଣ୍ଡପୁର ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ)ରେ ଏକ ଚାଷୀ ପରିବାରର ୪ଜଣ ସଦସ୍ୟଙ୍କ ନାମରେ ହୋଇଥିବା ମହାଦୁର୍ନୀତିର ତଥ୍ୟ କ୍ରମଶଃ ଉନ୍ମୋଚନ ହେବାରେ ଲାଗିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଗତ ୭ତାରିଖରେ ରାଜ୍ୟ ସମବାୟ ସମିତି ନିବନ୍ଧକ(ଆର୍‌ସିଏସ୍)ଙ୍କ କାର୍ଯ୍ୟାଳୟରେ ହୋଇଥିବା ଶୁଣାଣିରେ ମାର୍କଣ୍ଡପୁର ପ୍ୟାକ୍ସର ପୂର୍ବତନ ସମ୍ପାଦକ ନବକିଶୋର ପରିଡା ଓ ସହକାରୀ ସମ୍ପାଦକ ବିକ୍ରମଜିତ ଜେନାଙ୍କୁ ସମନ ହୋଇଛି। ଏହାସହ ଦୁର୍ନୀତିରେ ସମ୍ପୃକ୍ତ ଚାଷୀ ପରିବାରର ୪ଜଣ ସଦସ୍ୟଙ୍କୁ ମଧ୍ୟ ନିଜ ପକ୍ଷ ରଖିବାକୁ ଆଉଥରେ ସୁଯୋଗ ଦିଆଯାଇଛି। ଆସନ୍ତା ୨୧ତାରିଖ ଅପରାହ୍ନ ସାଢେ ୩ଟା ସମୟରେ ଆର୍‌ସିଏସ୍‌ଙ୍କ କାର୍ଯ୍ୟାଳୟରେ ଏମାନଙ୍କୁ ଉପସ୍ଥିତ ରହିବାକୁ ସମବାୟ ସମିତି(କ୍ରେଡିଟ)ର ଯୁଗ୍ମ ନିବନ୍ଧକଙ୍କ ପକ୍ଷରୁ ୨ଦିନ ତଳେ ନିର୍ଦ୍ଦେଶ ହୋଇଛି। ଏହି ସମନ୍ ଫଳରେ ୨୦୧୫-୧୬ ଆର୍ଥିକ ବର୍ଷରେ ହୋଇଥିବା ୧୯ ଲକ୍ଷ ୪୬ ହଜାର ଟଙ୍କାର ଦୁର୍ନୀତିର ଖୁବ୍‌ଶୀଘ୍ର ପର୍ଦ୍ଦାଫାଶ ହେବ ବୋଲି ଆଶା କରାଯାଉଛି।

ଯାଜପୁର ଜିଲା ସଦର ଯାଜପୁର ବ୍ଲକ ଅନ୍ତର୍ଗତ ମାର୍କଣ୍ଡପୁର ପ୍ୟାକ୍ସରେ ୨୦୧୫-୧୬ ଖରିଫ ଧାନକିଣାରେ ଏକ ପରିବାରର ୪ ଜଣ ଚାଷୀଙ୍କ ନାମରେ ୧୧୧୨ କୁଇଣ୍ଟାଲ ଧାନ କିଣା ହୋଇଥିଲା। ଏଥିରେ ମାର୍କଣ୍ଡପୁର ମହାପୁରୁଷ ମଣିଦାସ ବିଦ୍ୟାପୀଠରେ ରାତ୍ର ଜଗୁଆଳିଭାବେ କାର୍ଯ୍ୟରତ ଦିଲୀପ କୁମାର ରାଉତଙ୍କ ନାମରେ ୨୪୩ କୁଇଣ୍ଟାଲ, ତାଙ୍କ ପତ୍ନୀ କବିତା ରାଉତଙ୍କ ନାମରେ ୨୭୦କୁଇଣ୍ଟାଲ ଏବଂ ଦୁଇପୁଅ ଦୀପକ କୁମାର ରାଉତଙ୍କ ନାମରେ ୨୯୭କୁଇଣ୍ଟାଲ ଓ ତପନ କୁମାର ରାଉତଙ୍କ ନାମରେ ୩୦୦ କୁଇଣ୍ଟାଲ ଧାନ କିଣା ହୋଇଥିଲା। ସେତେବେଳେ ଏକର ପିଛା ୧୨ କୁଇଣ୍ଟାଲ ହିସାବରେ ଏହି ୪ଜଣ ଚାଷୀଙ୍କ ପ୍ରାୟ ୯୨ଏକର ଜମି ରହିଥିବା ସ୍ପଷ୍ଟ ହେଉଛି। ହେଲେ ବାସ୍ତବରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟରତ ଏହି ପରିବାରଙ୍କ ଏତେ ପରିମାଣର ଜମି ନାହିଁ। ଏହି ମହା ଘୋଟାଲା ସମ୍ପର୍କରେ ମାର୍କଣ୍ଡପୁର ଗ୍ରାମର ରାମଚନ୍ଦ୍ର ଜେନା, ପ୍ରଫୁଲ୍ଲ କୁମାର ଦ୍ୱିବେଦୀ ଓ ଦୁଲୀପ କୁମାର ମହାପାତ୍ର, କମଳପୁର ଗ୍ରାମର ଦୟାନିଧି ସାହୁ ଓ ଚୌଧୁରୀ ସତ୍ୟସୁନ୍ଦର ମହାପାତ୍ର ଯାଜପୁର ଜିଲାପାଳଙ୍କ ସମେତ ରାଜ୍ୟ ସମବାୟ ସମିତିର ନିବନ୍ଧକ, ଏଆର୍‌ସିଏସ, ସମବାୟ ମନ୍ତ୍ରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ସେତେବେଳେ ତଦନ୍ତ ମଧ୍ୟ ହୋଇଥିଲା। ହେଲେ ତଦନ୍ତ ରିପୋର୍ଟକୁ ଚପାଇ ଦିଆଯାଇଥିଲା। ଜିଲା ପ୍ରଶାସନ ପାଖରୁ ନ୍ୟାୟ ନ ପାଇ ଅଭିଯୋଗକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁସାରେ ହାଇକୋର୍ଟରେ ଡବ୍ଲ୍ୟୁପି(ସି)/୧୪୨୩୧/୨୦୧୮ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଏହାପରେ ହାଇକୋର୍ଟ ୧୫।୪।୨୦୧୯ ତାରିଖରେ ଆର୍‌ସିଏସ୍‌ଙ୍କୁ ଆବଶ୍ୟକ ତଦନ୍ତ କରି ୬ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ପର୍ଯ୍ୟାୟକ୍ରମେ ଏକାଧିକ ଶୁଣାଣି ଶେଷ ହୋଇଛି। ହେଲେ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଏସଂକ୍ରାନ୍ତରେ ବର୍ତ୍ତମାନର ମାର୍କଣ୍ଡପୁର ପ୍ୟାକ୍ସ ସମ୍ପାଦକଙ୍କୁ ପଚାରିବାରେ ପୂର୍ବତନ ସମ୍ପାଦକଙ୍କଠାରୁ ଏହି ଦାୟିତ୍ୱ ସେ ଗ୍ରହଣ କରି ନ ଥିଲେ ଏବଂ ପୂର୍ବତନ ସମ୍ପାଦକ ଓ ସହ ସମ୍ପାଦକଙ୍କୁ ଏନେଇ ନୋଟିସ୍ କରିବାକୁ ସେ ନିବେଦନ କରିଥିଲେ। ଏହାପରେ ପୂର୍ବତନ ସମ୍ପାଦକ ପରିଡା ଓ ସହ ସମ୍ପାଦକ ଜେନାଙ୍କ ନାମରେ ସମନ କରିବାକୁ ଶୁଣାଣିରେ ନିଷ୍ପତ୍ତି ହୋଇଛି । ଏହାବାଦ ସଂପୃକ୍ତ ଚାଷୀ ପରିବାରର ୪ ଜଣ ସଦସ୍ୟଙ୍କୁ ମଧ୍ୟ ଗତ ଶୁଣାଣିରେ ଉପସ୍ଥିତ ରହିବାକୁ ନୋଟିସ ହୋଇଥିଲା। ହେଲେ ସେମାନେ ଶୁଣାଣିରେ ଉପସ୍ଥିତ ନ ରହିବାରୁ ପକ୍ଷ ରଖିବାକୁ ଆସନ୍ତା ୨୧ତାରିଖ ଅପରାହ୍ନ ସାଢେ ୩ଟା ସମୟରେ ଆର୍‌ସିଏସ୍ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ଆଉଥରେ ସୁଯୋଗ ଦିଆଯାଇଛି ବୋଲି ପ୍ୟାକ୍ସ ସମ୍ପାଦକ କହିଛନ୍ତି।

## ■ ବୃଦ୍ଧଙ୍କୁ ପିଟି ହତ୍ୟା ମାମଲା

# ୩ ଫେରାର ଅଭିଯୁକ୍ତ ଗିରଫ

**ବିଞ୍ଝାରପୁର,୧୨।୯(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ହଳଦୀଡିହ ଗ୍ରାମପଞ୍ଚାୟତ ଅଣ୍ଡାଳୋଠାରେ ୨୦୧୭ରେ ନଇଆ ନାଳରେ ବେଆଇନ ଆଡିବନ୍ଧକରି ମାଛଧରାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଏଥିରେ ଜଣେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା। ଏହି ଘଟଣାର ୨ ବର୍ଷ ପରେ ବୁଧବାର ରାତିରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଅଣ୍ଡାଳୋ ଗ୍ରାମର ବାବୁଲି ମଲ୍ଲିକ, ସଦାନନ୍ଦ ମଲ୍ଲିକ ଓ ଧନୀ ମଲ୍ଲିକ। ଘଟଣା ପରଠାରୁ ଅଭିଯୁକ୍ତମାନେ ଫେରାର ଥିଲେ। ଯାଜପୁର ଏସ୍‌ଡିପିଓ ରବୀନ୍ଦ୍ର କୁମାର ଯେନା ଅଭିଯୁକ୍ତମାନେ ଅଣ୍ଡାଳୋ ଗ୍ରାମରେ ଥିବା ବୁଧବାର କୌଣସି ସୂତ୍ରରୁ ଖବର ପାଇ ଥାନା ଅଧିକାରୀଙ୍କୁ ଗିରଫ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଳମ୍ବିତ ରାତିରେ ଗ୍ରାମରେ ଥାନା ଅଧିକାରୀ ସଦଳବଳ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ସେମାନଙ୍କୁ ଶୁକ୍ରବାର କୋର୍ଟ ଚାଲଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ପୂର୍ବରୁ ଏହି ଘଟଣାରେ ପୋଲିସ ୮ ଜଣଙ୍କୁ କୋର୍ଟ ଚାଲାଣ କରିଛି।

ପ୍ରକାଶ ଯେ, ହଳଦୀଡିହ ଗ୍ରାମପଞ୍ଚାୟତ ଦେଇ ନଇଆ ନାଳ ପ୍ରବାହିତ ହେଉଛି। ଏହି ନାଳର ଉପରମୁଣ୍ଡରେ ବେଆଇନ ଆଡିବନ୍ଧକୁ ନେଇ ଅଣ୍ଡାଳୋ ଏବଂ ତଳମୁଣ୍ଡରେ ଥିବା ଫଳପୁର ଗ୍ରାମବାସୀଙ୍କ ମଧ୍ୟରେ ଅନେକ ସମୟରେ ବିବାଦ ଲାଗିରହିଥିଲା। ଏହି ବିବାଦରୁ ୨୦୧୭ ଅକ୍ଟୋବର ୧୦ ସକାଳେ ଫଳପୁର ଗ୍ରାମର କେଶବ ମଲ୍ଲିକ ଆଖି ପରୀକ୍ଷା ପାଇଁ କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ଗୋବିନ୍ଦପୁରକୁ ଯାଉଥିଲେ। ହେଲେ ସିଂହପୁର-ଫଳପୁର ଆର୍‌ଡି ରାସ୍ତାର ଅଣ୍ଡାଳୋ ନିକଟରେ ଅଣ୍ଡାଳୋ ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ତାଙ୍କୁ ଅଟକାଇ ମାଡ ମାରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ଏହି ଘଟଣାକୁ ନେଇ ବିଞ୍ଝାରପୁର ପୋଲିସ ଏକ ମାମଲା (ନଂ.୩୧୯/୧୭) ରୁଜୁକରି ତଦନ୍ତ ଚଳାଇଥିଲା।

# ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ, ୫ହଜାର ଟଙ୍କା ଜରିମାନା

**ଯାଜପୁର ଟାଉନ,୧୨।୯(ଡିଏନଏ):**

**ମରଣାନ୍ତକ ଆକ୍ରମଣ ଅଭିଯୋଗ**

ଯାଜପୁରର ଜଣେ ମରଣାନ୍ତକ ଆକ୍ରମଣକାରୀଙ୍କୁ ୩ବର୍ଷ ଜେଲ ସହ ୫ହଜାର ଟଙ୍କା ଜରିମାନା ଦେବାକୁ ସହକାରୀ ଦୌରାଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଯାଜପୁର ଜିଲା କୁଆଖିଆ ଥାନା ହାଟସାହି (କର୍ଜଙ୍ଗା) ଗ୍ରାମର ଲକ୍ଷ୍ମୀଧର ବେହେରା ଓରଫ ବାବୁଲା ତାଙ୍କ ଭାଇବୋହୂ ବିଦ୍ୟୁଲତା ବେହେରାଙ୍କୁ ୨୦୧୩ ମାର୍ଚ୍ଚ ୫ ତାରିଖ ସନ୍ଧ୍ୟାରେ ଗାଳିଗୁଲଜ କରୁଥିଲେ। ଏହି ସମୟରେ ବିଦ୍ୟୁଲତାଙ୍କ ସ୍ୱାମୀ ବିଦ୍ୟାଧର ବେହେରା ଘଟଣାସ୍ଥଳରେ ପହଞ୍ଚି ବାରଣ କରିବାରୁ ଅଭିଯୁକ୍ତ ଲକ୍ଷ୍ମୀଧର ଅଣ୍ଟାରେ ରଖିଥିବା ଏକ ଛୁରୀ ସାହାଯ୍ୟରେ ବିଦ୍ୟାଧରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ଗ୍ରାମବାସୀ ପହଞ୍ଚି ଯିବାରୁ ଘଟଣାସ୍ଥଳରୁ ଅଭିଯୁକ୍ତ ଦୌଡି ପଳାଇ ଯାଇଥିଲେ। ବିଦ୍ୟାଧର ଗୁରୁତର ହୋଇଥିବାବେଳେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା। ବିଦ୍ୟୁଲତା କୁଆଖିଆ ଥାନାରେ ଏତଲା ଦେବାପରେ ଥାନାଧିକାରୀ ଥାନା ଏକ ମାମଲା (ନଂ. ୫୦/୧୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହି ମାମଲାର ବୃତ୍ତାନ୍ତ ଶୁଣାଣି କରି ସହକାରୀ ଦୌରାଜଜ୍ ସୁଷମା ସ୍ୱାଇଁ ୮ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଲକ୍ଷ୍ମୀଧରଙ୍କୁ ୩ବର୍ଷ ଜେଲ ସହ ୫ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଓକିଲ ଶୈଳେନ୍ଦ୍ର କୁମାର ସାମଲ ପରିଚାଳନା କରିଥିଲେ।




## ରେଳ ଧାରଣା ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କେନ୍ଦୁଝର,୧୨।୯ (ସ୍ୱ.ପ୍ର.):**

କେନ୍ଦୁଝର ଟାଉନ ଥାନା ହରିଡାଗୋଠ ନିକଟସ୍ଥ ରେଳ ଧାରଣା ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ଏଥିସହ ଟ୍ରେନ ଲାଇନ ମଧ୍ୟରେ ଉକ୍ତ ଯୁବକଙ୍କ ଗୋଟିଏ ପାଦ କଟି ପଡିଥିବା ସହ ତାଙ୍କ ମୁଣ୍ଡରେ କ୍ଷତ ଥିବା ଦେଖିବାକୁ ମିଳିଛି । ଯୁବକ ଜଣଙ୍କୁ କେହି ହତ୍ୟା କରି ସେଠାରେ ପକାଇ ଦେଇଥିବା ସନ୍ଦେହ କରାଯାଉଛି। ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବଳାତ୍କାର ଉଦ୍ୟମକରି ଜେଲ ଗଲେ ଯୁବକ

**ବିଞ୍ଝାରପୁର,୧୨।୯(ଡି.ଏନ୍.ଏ.)**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଗୁରୁବାର ବଳାତ୍କାର ଉଦ୍ୟମ ହୋଇଛି। ଏ ନେଇ ପୀଡିତା ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ ୨୨୭/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଉଛନ୍ତି କଲ୍ୟାଣପୁର ପଞ୍ଚାୟତର ଦେବୀ ପ୍ରସାଦ ଦାସ(୩୩)। ଅଭିଯୋଗ ମୁତାବକ, ଗୁରୁବାର ଭୋର ସମୟରେ ମହିଳା ଜଣଙ୍କ ଘରେ ଶୋଇଥିବାବେଳେ ଦେବୀପ୍ରସାଦ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ମହିଳାଙ୍କ ସ୍ୱାମୀ ପହଞ୍ଚି ବିରୋଧ କରିଥିଲେ। ଏଥିରେ ଦେବୀପ୍ରସାଦ ରାଗିଯାଇ ପାଖରେ ରଖିଥିବା ଭୁଜାଲିରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରୁ ସ୍ୱାମୀ ଓ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦେବୀପ୍ରସାଦଙ୍କ ଆକ୍ରମଣରେ ଘରେ ଥିବା ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଯାଇଛି । ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି ।

## ଘର ଭାଙ୍ଗି ଧାନ, ଚାଉଳ ଖାଇଲା ହାତୀ

**ଯୋଡ଼ା, ୧୨।୯ (ଡି.ଏନ.ଏ.):**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ରୁଗୁଡି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଉତ୍ପାତ କରି ଜଣଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇଦେଇଥିବା ସୂଚନା ମିଳିଛି। ବନବିଭାଗ କର୍ମଚାରୀ ପହଞ୍ଚି ଥିଲେ ହେଁ ହାତୀର ଉତ୍ପାତକୁ ରୋକି ପାରିନଥିଲେ। ଗୁରୁବାର ହାତୀଟି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମରଣାନ୍ତକ ଆକ୍ରମଣ

**ଆନନ୍ଦପୁର, ୧୨।୯(ସ୍ୱ.ପ୍ର.)**

**ପୋଲିସ ଦ୍ୱାରା ଜଣେ ଅଟକ**

ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଆନନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ଆନନ୍ଦପୁର ପୋଲିସ ଏକ ମାମଲା (ନଂ ୧୬୯/୨୦୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଆକ୍ରମଣରେ ସାମିଲ ଥିବା ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ପୋଲିସ ଜଣକୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର ଦୁଇ ଅଭିଭାବକ ଆନନ୍ଦପୁର ବ୍ରିଜଛକ ଠାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ପହଞ୍ଚି କୌଣସି କାରଣକୁ ନେଇ ଅଧ୍ୟକ୍ଷ ସୁଶାନ୍ତ କୁମାର ସେଠୀଙ୍କ ସହିତ ଯୁକ୍ତିତର୍କ ହୋଇଥିଲା। ପରେ ଜଣେ ଅଭିଭାବକ ଅଧ୍ୟକ୍ଷ ସେଠୀଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଅଧ୍ୟକ୍ଷଙ୍କ ସମେତ ଅନ୍ୟ ଶିକ୍ଷକ ଏବଂ କର୍ମଚାରୀମାନେ ବିଦ୍ୟାଳୟ ଛାଡି ଦୌଡି ଦୌଡ଼ି ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ଘରେ ଆଶ୍ରୟ ନେଇଥିଲେ। ପରେ ଅଧ୍ୟକ୍ଷ ସେଠୀ ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଆନନ୍ଦପୁର ଅଞ୍ଚଳର ଜଣେ ଅଭିଭାବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ନୂଆ କରି ଆନନ୍ଦପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିଥିଲେ ବି ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ନାମଲେଖାରେ ସୁଯୋଗ ମିଳି ନ ଥିବାରୁ ଅସନ୍ତୋଷ ଲାଗିରହିଥିଲା।




## ■ ଝିଅର ପରକୀୟା ପ୍ରୀତି

# ମା'ବାପାଙ୍କ ଜୀବନ ନେଲା

**ପାଟଣା,୧୨।୯(ସ୍ୱ.ପ୍ର.)**

**ବୃଦ୍ଧ ଦମ୍ପତି ହତ୍ୟା ଘଟଣାର ପର୍ଦ୍ଦାଫାଶ**

■ ମୁଖ୍ୟ ଅଭିଯୁକ୍ତ ଗିରଫ

କେନ୍ଦୁଝର ଜିଲା ପାଟଣା ବ୍ଲକ ପଲାଶିଘାଟି ପଞ୍ଚାୟତ ଗୁଧିରାମ ପଡା ଗ୍ରାମରେ ଗତ ଶନିବାର ବିଳମ୍ବିତ ରାତିରେ ବୃଦ୍ଧ ଦମ୍ପତି ରାମାଇ ମୁଣ୍ଡା ଓ ତାଙ୍କ ସ୍ତ୍ରୀ ଚମ୍ପା ମୁଣ୍ଡାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗୁରୁବାର ଘଟଗାଁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପାଟଣା ଥାନା ସରାସ କୋଲା ପଞ୍ଚାୟତ ଖମୁଆଁ ଗ୍ରାମ କୁସୁମପଶି ସାହିର ଦନାର ମୁଣ୍ଡା। ଏନେଇ ଘଟଗାଁ ଥାନାରେ ଏକ ହତ୍ୟା ମାମଲା (ନଂ.୧୧୫/୧୯) ରୁଜୁ ହୋଇଛି। ପୋଲିସ ତନାଘନା ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ ରାମାଇଙ୍କ ଦ୍ୱିତୀୟ ଝିଅ କାଂଶଲା ମହୁଲଡିହା ଗ୍ରାମ ଦଲକୀ ସାହିର ମାଟାଇ ମୁଣ୍ଡାଙ୍କୁ ବିବାହ କରିଥିଲେ। ତାଙ୍କର ୪ ସନ୍ତାନ ଅଛନ୍ତି। କିନ୍ତୁ ଉପରୋକ୍ତ ଘଟଣା ଘଟିବାର ୨୫ଦିନ ପୂର୍ବରୁ କୁସୁମପଶି ସାହିର ରାଜମିସ୍ତ୍ରି ଦନାରଙ୍କ ସହ କାଂଶଲା କେଉଁ ଆଡ଼େ ଚାଲିଯାଇଥିଲେ। ତାଙ୍କର କୌଣସି ଖୋଜ୍ ଖବର ପରିବାର ଲୋକଙ୍କୁ ମିଳି ନ ଥିଲା। ଦନାରଙ୍କ ପାଖରେ ୨୫ ଦିନ ରହିବା ପରେ କାଂଶଲା ତାଙ୍କ ପ୍ରଥମ ସ୍ୱାମୀ ମାଟାଇଙ୍କ ପାଖକୁ ଫେରିବାକୁ ଚାହିଁଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହି ପ୍ରସ୍ତାବରେ କାଂଶଲାଙ୍କ ମା'ବାପାଙ୍କ ସହ ସ୍ୱାମୀ ମାଟାଇ ମଧ୍ୟ ରାଜି ହୋଇ ନ ଥିଲେ। ଝିଅକୁ ଛାଡି ଦେଲେ ଦନାରଙ୍କୁ ଗୁଣିଗାରେଡି କରି ଜୀବନରୁ ମାରିଦେବି ବୋଲି ରାମାଇ ଧମକ ଦେଇଥିଲେ। ଏହାପରେ ଦନାର ପ୍ରତିଶୋଧ ନେବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଗତ ଶନିବାର ରାତିରେ ଦନାର ସ୍କୁଟିରେ ଘରୁ ଏକ ଘାନା(ବଡ଼ ପଥର) ନେଇ ଘଟଣାସ୍ଥଳକୁ ଯାଇଥିଲେ। ସେତେବେଳେ ଘର ବାରଣ୍ଡାରେ ବୃଦ୍ଧ ଦମ୍ପତି ରାମାଇ ଓ ଚମ୍ପା ଶୋଇଥିଲେ। ଏହାକୁ ସୁଯୋଗ ଭାବି ଦନାର ସେହି ପଥରରେ ବୃଦ୍ଧ ଦମ୍ପତିଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ଗିରଫ ପରେ ଦନାର ଏହି କଥାକୁ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ତଦନ୍ତକାରୀ ଥାନା ଅଧିକାରୀ ବନ୍ଦନା ପାତ୍ର ହତ୍ୟାକାଣ୍ଡରେ ବ୍ୟବହୃତ ଘାନା, ରକ୍ତ ଲଗା ପ୍ୟାଣ୍ଟ ଶାର୍ଟ ଓ ଏକ ସ୍କୁଟିକୁ ଜବତ କରିଛନ୍ତି। ହତ୍ୟାକାଣ୍ଡରେ ଆହୁରି ଅନେକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଅନୁମାନ କରି ଏସ୍‌ଡିପିଓ ରବୀନ୍ଦ୍ର ମଳିକ ତଦନ୍ତକୁ ବ୍ୟାପକ କରାଯିବ ବୋଲି କହିଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମା’ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
- ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ଟିକାଦାନକୁ ନେଇ ବିବାଦ: ପୃଥକ୍ ମାମଲା

**ରଣପୁର,୧୨।୯(ସ୍ୱ.ପ୍ର.):** ଟିକାଦାନକୁ ନେଇ ରଣପୁର ବ୍ଲକ ଚାନ୍ଦପୁର ଥାନାର କନ୍ଧନୟାଗଡ ଅଙ୍ଗନୱାଡି କେନ୍ଦ୍ରରେ ବୁଧବାର ବିବାଦ ହୋଇ ଚାପା ଉତ୍ତେଜନା ଦେଖାଦେଇଛି। ଅଙ୍ଗନୱାଡି କର୍ମୀ ଓ ଜଣେ ବ୍ୟକ୍ତିଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଥାନାରେ ପହଞ୍ଚିଛି। ଅଭିଯୋଗ ଅନୁସାରେ ଗତ ୧୧ ତାରିଖରେ କନ୍ଧନୟାଗଡ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କୁ ଟିକାଦାନ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଏହି ସମୟରେ ସେହି ଗ୍ରାମର ଯୋଗେନ୍ଦ୍ର ରାମ(୩୫) ପହଞ୍ଚି କୌଣସି କାରଣରୁ ଅଙ୍ଗନୱାଡି କର୍ମୀ ଟୁକୁନା ବାଳା ଦାସଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ଏ ନେଇ ଅଙ୍ଗନୱାଡି କର୍ମୀ ଟୁକୁନା ଚାନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୮୩/୧୯ରେ ମାମଲା ରୁଜୁ କରିଛି। ସେହିପରି ଯୋଗେନ୍ଦ୍ର ଅଙ୍ଗନୱାଡି କର୍ମୀଙ୍କ ନାଁରେ ପାଲଟା ଅଭିଯୋଗ କରିବା ପରେ ପୋଲିସ ୮୪/୧୯ରେ ମାମଲା ରୁଜୁ କରିଛି। ଯୋଗେନ୍ଦ୍ର ସ୍ତ୍ରୀଙ୍କ ସହ ଝିଅକୁ ଟିକାଦାନ ପାଇଁ ନେଇଥିବାବେଳେ ସେଠାରେ ଅଙ୍ଗନୱାଡି କର୍ମୀ ଟିକାଦାନ କରିବାକୁ ମନା କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଯୋଗେନ୍ଦ୍ର ତାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଦୁଇ ଅଭିଯୋଗର ତଦନ୍ତ ଜାରି ରଖିଛି।

### ଖଣ୍ଡପଡ଼ାରେ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ବିଳମ୍ବକୁ ନେଇ ଅସନ୍ତୋଷ

**ଖଣ୍ଡପଡା,୧୨।୯(ସ୍ୱ.ପ୍ର.):** ବିଦ୍ୟୁତ୍ ଉପଖଣ୍ଡ ଖଣ୍ଡପଡ଼ା ଅଧୀନରେ ଥିବା ସମସ୍ତ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଥିବା ବେଳେ ଏହାର ପ୍ରତିକାର ନିମନ୍ତେ ଦୀର୍ଘବର୍ଷ ଧରି ଦାବି ହୋଇଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲାର ଖଣ୍ଡପଡାଠାରେ ଏକ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ୫୭ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ଗ୍ରୀଡ ପ୍ରତିଷ୍ଠା ପାଇଁ ଖଣ୍ଡପଡା ସହର ଉପକଣ୍ଠରେ ୧୫ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜାଗା ଚିହ୍ନଟ କରାଯାଇଛି। ମାତ୍ର ପ୍ରଶାସନିକ ଉଦାସୀନତା ଯୋଗୁ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠାରେ ବିଳମ୍ବ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଖଣ୍ଡପଡାଠାରେ ଉକ୍ତ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ହେଲେ ଖଣ୍ଡପଡା, କଣ୍ଟିଲୋ ସମେତ ଭାପୁର ଓ ଗଣିଆ ବ୍ଲକର ବାସିନ୍ଦା ବିଶେଷ ଭାବେ ଉପକୃତ ହେବେ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏହା ସହ ବାରମ୍ବାର ବିଦ୍ୟୁତ୍‌କାଟ, ଲୋ ଭୋଲ୍‌ଟେଜ୍ ସମସ୍ୟା ଦୂର ହୋଇପାରିବ। ତୁରନ୍ତ ଏହା ପ୍ରତିଷ୍ଠା ନିମନ୍ତେ ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ମୁଖ୍ୟମନ୍ତ୍ରୀ ସେସୁ, ବିଭାଗୀୟ ମନ୍ତ୍ରୀ ଓ ସଚିବ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

### ଝୁଲନ୍ତା ମୃତଦେହ ଉଦ୍ଧାର

**ପୁରୀ ଅଫିସ,୧୨।୯:** କୁମ୍ଭାରପଡ଼ା ଥାନା ଅଧୀନ ଦତ୍ତତୋଟାରୁ ଗୁରୁବାର ରାତିରେ ପୋଲିସ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଗୋବିନ୍ଦ ଚନ୍ଦ୍ର ସାହୁ। ସେ କଣାସ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଓ ଜିଲାପରିଷଦ ସଭ୍ୟ ଥିଲେ। ଗତ କିଛିଦିନ ହେବ ଦତ୍ତତୋଟା ଅଞ୍ଚଳରେ ସେ ଘରଭଡା ନେଇ ରହୁଥିଲେ। ପାରିବାରିକ ଅଶାନ୍ତି କିମ୍ବା ଆର୍ଥିକ ଅନଟନରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଅନ୍ୟପକ୍ଷେ ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

■ ଅବ୍ୟବସ୍ଥାରେ ଗୋଲଗାଁ ବିଦ୍ୟାଳୟ

# ୯ ଶ୍ରେଣୀ ଗୃହରୁ ୭ ବିପଦସଙ୍କୁଳ

**ନୟାଗଡ଼ ଅଫିସ,୧୨।୯**




ଗୋଲଗାଁ ୟୁଜିଏମଇ ବିଦ୍ୟାଳୟ।



ବିଦ୍ୟାଳୟର ଶ୍ରେଣୀଗୃହ ଛାତରୁ ପ୍ଲାଷ୍ଟର ଖସି ରଡ଼ ଦେଖାଯାଉଛି।

■ ୪ ଶ୍ରେଣୀଗୃହ ଛାତରୁ ପ୍ଲାଷ୍ଟର ଖସି ଝୁଲିଲାଣି ରଡ଼

■ ବିପଦସଙ୍କୁଳ ଶ୍ରେଣୀଗୃହରେ ପାଠ ପଢୁଛନ୍ତି ପିଲା

୨୦୧୨ ମସିହା ଜୁଲାଇ ୯ ତାରିଖ । ଏହି ଦିନ ନୟାଗଡ଼ ଜିଲା ରଣପୁର ବ୍ଲକ ସୁଆଁସିଆସାହି ଅଙ୍ଗନୱାଡ଼ି କେନ୍ଦ୍ରରେ କାନ୍ଥ ଭୁଶୁଡ଼ି ୭ ଜଣ କୋମଳମତି ଶିଶୁଙ୍କ ଜୀବନ ଚାଲିଯାଇଥିଲା। ଏହା ପରେ ପ୍ରଶାସନ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ଗୃହଗୁଡିକ ତଦାରଖ ପାଇଁ କିଛି ଦିନ ଧରି ତତ୍ପରତା ପ୍ରକାଶ ପାଇଥିଲା। କିନ୍ତୁ ତା’ ପରେ ଯଥା ପୂର୍ବଂ ତଥା ପରଂ ଅବସ୍ଥା। ଏ ଦିଗରେ ପ୍ରଶାସନ ସେଭଳି ତତ୍ପରତା ଦେଖାଉ ନାହିଁ। ଜିଲାର ଅନେକ ବିଦ୍ୟାଳୟର ଶ୍ରେଣୀଗୃହରେ ବିପଦସଙ୍କୁଳ ଅବସ୍ଥାରେ ଛାତ୍ରୀଛାତ୍ର ପାଠ ପଢୁଥିବାର ଦେଖିବାକୁ ମିଳୁଛି।

ଜିଲାର ଓଡ଼ଗାଁ ବ୍ଲକ ଅଧୀନରେ ଥିବା ଗୋଲଗାଁ ଅପଗ୍ରେଡ୍ ଏମ୍‌ଇ ସ୍କୁଲକୁ ଉଦାହହରଣ ଭାବେ ନିଆଯାଇପାରେ। ଉକ୍ତ ବିଦ୍ୟାଳୟର ୭ଟି ଶ୍ରେଣୀଗୃହ ବିପଦସଙ୍କୁଳ ଅବସ୍ଥାରେ ଥିବାବେଳେ ଏହାର ମରାମତି କରାଯାଉନାହିଁ। ବିଦ୍ୟାଳୟ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକ ଏ ନେଇ ବିଡିଓ, ବିଇଓ, ଡିପିସି, ଡିଇଓ ଓ ଜିଲାପାଳଙ୍କଠାରେ ଅନେକ ସମୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଫଳରେ ବାଧ ହୋଇ ବିପଦସଙ୍କୁଳ ଗୃହରେ ଛାତ୍ରୀଛାତ୍ରମାନେ ପାଠ ପଢୁଥିବା ଦେଖିବାକୁ ମିଳୁଛି। ଯଦି କୌଣସି ଅଘଟଣ ଘଟିବ ତାହା ହେଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

ପ୍ରକାଶ ଯେ, ଗୋଲଗାଁ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୩୯ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟରେ ଗୋଟିଏ କାର୍ଯ୍ୟାଳୟ ଓ ୯ଟି ଶ୍ରେଣୀଗୃହ ରହିଛି। ୯ ଶ୍ରେଣୀଗୃହରୁ ୪ଟିର ଛାତରୁ ପ୍ଲାଷ୍ଟର ଖସି ରଡ ବାହାରି ଝୁଲି ରହିଛି। କେତେବେଳେ ଯେ ଛାତ ଗଳି ପଡ଼ିବା ଆଶଙ୍କା ରହିଛି। ସେହିଭଳି ୩ଟି ଶ୍ରେଣୀଗୃହର କାନ୍ଥ ଫାଟି ଆଁ କରି ରହିଛି। ଅବଶିଷ୍ଟ ୨ଟି ଶ୍ରେଣୀଗୃହ ଠିକ୍‌ଠାକ୍ ରହିଛି। ୮ଟି ଶ୍ରେଣୀର ପିଲାମାନଙ୍କୁ ଦୁଇଟି ଭଲ ଥିବା ଶ୍ରେଣୀଗୃହରେ ପଢ଼ାଯାଇ ପାରୁନାହିଁ। ଫଳରେ ବାଧ ହୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ କାନ୍ଥ ଫାଟିଥିବା ୩ଟି ଶ୍ରେଣୀଗୃହରେ ପିଲାମାନଙ୍କୁ ପାଠପଢ଼ାଉଛନ୍ତି। ୫ଟି ଶ୍ରେଣୀ ଗୃହରେ ୮ ଶ୍ରେଣୀର ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଗୋଟିଏ ଶ୍ରେଣୀଗୃହରେ ଦୁଇଟି ଶ୍ରେଣୀର ପିଲାମାନେ ପାଠ ପଢୁଥିବାରୁ ପ୍ରଥମ ଶ୍ରେଣୀ ପିଲା ଦ୍ୱିତୀୟ ଶ୍ରେଣୀ ପାଠ ଓ ଦ୍ୱିତୀୟ ଶ୍ରେଣୀ ପିଲା ପ୍ରଥମ ଶ୍ରେଣୀ ପାଠ ପଢୁଥିବାର ଦେଖିବାକୁ ମିଳୁଛି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଖଟେଇଙ୍କୁ ପଚାରିବାରୁ ସେ କୁହନ୍ତି ବିଦ୍ୟାଳୟର ସମସ୍ୟା ନେଇ ବିଭିନ୍ନ ଆଡ଼େ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ବିଦ୍ୟାଳୟରେ ଭଲ ଶ୍ରେଣୀଗୃହ ନ ଥିବାରୁ ବାଧ ହୋଇ ବିପଦସଙ୍କୁଳ ଘରେ ପାଠପଢ଼ା ଯାଉଥିବା ସେ ପ୍ରକାଶ କରିଥିଲେ। ଏ ଦିଗରେ ଜିଲା ପ୍ରଶାସନ ଧ୍ୟାନ ଦେଇ ତୁରନ୍ତ ବିଦ୍ୟାଳୟ ମରାମତି କରିବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି।

## ନୀଳମାଧବ ଜୀଉଙ୍କ ମନ୍ଦିରରେ ଅନନ୍ତବ୍ରତ

**ଖଣ୍ଡପଡ଼ା,୧୨।୯(ସ୍ୱ.ପ୍ର.)**

ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶ୍ରୀଶ୍ରୀ ଅନନ୍ତ ଦେବଙ୍କୁ ପୂଜା କଲେ ସର୍ବପାପ ବିନାଶ ହୁଏ ବୋଲି ବିଶ୍ୱାସ ରହିଛି। ଏହି ଅବସରରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ମନ୍ଦିର ଭୋଗ ମଣ୍ଡପଠାରେ ଶତାଧିକ ମାନସିକଧାରୀ ମହିଳା ଓ ପୁରୁଷ ଗୁରୁବାର ଅନନ୍ତ ବ୍ରତ ପାଳନ କରିଥିଲେ। ଧାତୁ ଦ୍ରବ୍ୟରେ ଅନନ୍ତଙ୍କ ପ୍ରତିମୂର୍ତ୍ତି ନିର୍ମାଣ କିମ୍ବା ଶାଳଗ୍ରାମକୁ ପଦ୍ମ ଅଥବା ଭଦ୍ର ମଣ୍ଡଳରେ ସ୍ଥାପନ ପୂର୍ବକ ଏହି ପୂଜା କରିବା ନିୟମ ରହିଛି । ଶ୍ରୀ ଜୀଉଙ୍କ ଭଅଣ୍ଡ ଧୂପ ପରେ ଦ୍ୱିପ୍ରହର ଧୂପ ସମ୍ପନ୍ନ ନ ହୋଇ ଅନନ୍ତ ବାସୁଦେବ ଜୀଉଙ୍କୁ ଭୋଗ ମଣ୍ଡପକୁ ବିଜେ କରାଯାଇଥିଲା। ପରେ ଭକ୍ତମାନେ ଆଣିଥିବା ବିଭିନ୍ନ ପ୍ରକାର ଫୁଲଫଳ ଲାଗି କରାଯାଇଥିଲା। ନାରୀ ଅବା ପୁରୁଷ ୧୪ ବର୍ଷ ଧରି ଏହି ବ୍ରତ ପାଳନ କରିଥାନ୍ତି । ପୂଜା ପରେ ମହିଳାମାନେ ବାମହାତ ବାହୁ ମୂଳରେ ଓ ପୁରୁଷମାନେ ଡାହାଣ ହାତରେ ବ୍ରତ ବାନ୍ଧିଥାନ୍ତି । ସେହିପରି ଖଣ୍ଡପଡା ଓ ସିଧାମୂଳା ଜଗନ୍ନାଥ ମନ୍ଦିରରେ ସକାଳୁ ବ୍ରତଧାରୀମାନେ ବିଧି ପୂର୍ବକ ପୂଜାର୍ଚ୍ଚନା ସହ ଅନନ୍ତ ବ୍ରତ ପାଳନ କରିଥିଲେ। ଏହି ବ୍ରତ ନିଷ୍ଠାର ସହକାରେ ଯିଏ ପାଳନ କରେ ତା’ର ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବ୍ରତଧାରୀମାନେ ପ୍ରକାଶ କରିଥିଲେ। ପୂଜାରୀ ଭାବେ ପ୍ରସନ୍ନ କୁମାର ମିଶ୍ର, ପତ୍ରୀ ହୃଷୀକେଶ ମିଶ୍ର ଓ ପୁରୋଧା ଭାବେ ବାସୁଦେବ ମିଶ୍ର ନିୟୋଜିତ ରହି ପୂଜା କାର୍ଯ୍ୟ ପରିଚାଳନା କରିଥିଲେ ।



ଅନନ୍ତବ୍ରତ ପାଇଁ ପୂଜା ଚାଲିଛି।

## ଦାଶିଆ ଅଜାଙ୍କ ୨୨ତମ ଶ୍ରାଦ୍ଧ ବାର୍ଷିକୀ



କାର୍ଯ୍ୟକ୍ରମରେ ବିଧାୟକ, ଜିଲାପାଳଙ୍କ ସମେତ ଅନ୍ୟମାନେ।

**ନୂଆଗାଁ,୧୨।୯ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁରଠାରେ ଗୁରୁବାର ଓଡିଶାରେ ପାଠାଗାର ଆନ୍ଦୋଳନର ଅଗ୍ରଣୀ ପୁରୁଷ, ପ୍ରଖ୍ୟାତ ସଂଗ୍ରାହକ, ସାରସ୍ୱତ ସାଧକ ଦାଶରଥି ପଟ୍ଟନାୟକଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଉଦୟପୁରଠାରେ ଥିବା ଦାଶିଆ ଅଜାଙ୍କ ପୀଠରେ ଦିନତମାମ ନାମ ସଂକୀର୍ତ୍ତନ କରାଯାଇଥିଲା। ଅପରାହ୍ଣରେ ନୟାଗଡ଼ ଜିଲାପାଳ ତଥା ଦାଶରଥି ପଟ୍ଟନାୟକ ଲାଇବ୍ରେରି ଟ୍ରଷ୍ଟ ଅଧ୍ୟକ୍ଷ ଡ. ପୋମୋ ଟୁଡୁଙ୍କ ସଭାପତିତ୍ୱରେ ଦାଶିଆ ଅଜାଙ୍କ ସାଧନା ପୀଠରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୂଆଗାଁ ବ୍ଲକ ଚେୟାରମ୍ୟାନ ଅନ୍ତର୍ଯ୍ୟାମୀ ସ୍ୱାଇଁ, ନୂଆଗାଁ ବିଡିଓ ଶିରିୟାଲ ଏସ୍ ପଟେଲ, ନୂଆଗାଁ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଦାଶିଆ ଅଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦାଶିଆ ଅଜାଙ୍କ ନାତି ତଥା ଟ୍ରଷ୍ଟ ସମ୍ପାଦକ ଦୀପକ ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ଜିଲାପାଳ ଡ. ଟୁଡୁ ଉଦୟପୁରଠାରେ ଦାଶିଆ ଅଜାଙ୍କ ପାଠାଗାର ସଂଗ୍ରହାଳୟ ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବାକୁ ସରକାର ପଦକ୍ଷେପ ଗ୍ରହଣ ନିମନ୍ତେ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାଶିଆ ଅଜାଙ୍କ ପ୍ରତିମୂର୍ତ୍ତି ଭୁବନେଶ୍ୱରରେ ସ୍ଥାପନ କରିବା ପାଇଁ ଉଦ୍ୟମ କରାଯିବ ବୋଲି ବିଧାୟକ ବେହେରା କହିଥିଲେ। ସନ୍ଧ୍ୟାରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଓ କବି ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

■ ଜାଗ୍ରତ ଖଣ୍ଡପଡ଼ା ଦିବସ ପାଳିତ

# ଭଲ ମଣିଷ ସବୁବେଳେ ମନେରହିବେ

**ଖଣ୍ଡପଡ଼ା/ଭାପୁର, ୧୨।୯(ସ୍ୱ.ପ୍ର./ଡ଼ି.ଏନ.ଏ.)**




ମନ୍ତ୍ରୀ ଅରୁଣ ସାହୁ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଭଲମଣିଷ ସବୁବେଳେ ମନେ ରହନ୍ତି, ୨୩ ବର୍ଷ ପରେ ବି ଅରୁଣ ବାବୁଙ୍କ ସ୍ମୃତି ତାଜା ରହିଛି। ଖଣ୍ଡପଡ଼ାର ପୂର୍ବତନ ବିଧାୟକ ତଥା ଦିବଂଗତ ନେତା ସ୍ୱର୍ଗତ ଅରୁଣ ପଟ୍ଟନାୟକ ଜଣେ କର୍ମଯୋଗୀ ଥିଲେ। ସେ ଥିଲେ ପ୍ରେରଣାର ଉତ୍ସ, ପ୍ରଗତିର ସାରଥି। ଦୀର୍ଘ ୨୩ବର୍ଷ ପରେ ମଧ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ସ୍ୱର୍ଗତ ନେତାଙ୍କୁ ମନେପକାଇ ସ୍ମୃତି ସଭା ଆୟୋଜନ କରାଯିବା କିଛି କମ୍ କଥା ନୁହେଁ। ଗୁରୁବାର ସ୍ଥାନୀୟ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପଠାରେ ୨୩ତମ ଶ୍ରାଦ୍ଧବାର୍ଷିକୀ ତଥା ଜାଗ୍ରତ ଖଣ୍ଡପଡା ଦିବସ ପାଳନ ଅବସରରେ ଉଦ୍‌ଘାଟକ ଭାବେ ଯୋଗଦେଇ କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଏହି ମତ ରଖିଥିଲେ । ସମାରୋହରେ ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ର, ଓଡିଶା ସାହିତ୍ୟ ଏକାଡେମୀର ସଭାପତି ହୁସେନ୍ ରବି ଗାନ୍ଧୀ ଓ ଓଡିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ହରିଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭାର ଅବତାରଣା କରିଥିଲେ। ଏହି ଅବସରରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀଛାତ୍ର ତଥା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ମୃତି ପରିଷଦ ଖଣ୍ଡପଡା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବସନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ସ୍ମିତା ସ୍ୱାଇଁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଅରୁଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦାବିରେ ଧାରଣା

**ଜଟଣୀ,୧୨।୯(ଡି.ଏନ.ଏ.)**

ଜାଭିୟର ୟୁନିଭରସିଟି ନିକଟରେ ଗୁରୁବାର ଅନେକ ବେକାର ଯୁବତୀଯୁବକ ଧାରଣା ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ପୂର୍ବ ଆନ୍ଦୋଳନ ସମୟରେ ସ୍ଥାନୀୟ ଯୁବକଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର ଆଦି ଦାବିରେ ଏହି ଧାରଣା ଦିଆଯାଇଥିଲା। ଜଟଣୀ ହରିରାଜପୁର ଓ ସୁନ୍ଦରପଦା ରାସ୍ତାପାର୍ଶ୍ୱରେ ଥିବା ଏହି ୟୁନିଭରସିଟି ନିକଟରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ନୂତନ ସିକ୍ୟୁରିଟି ସଂସ୍ଥା ଦାୟିତ୍ୱ ଗ୍ରହଣ କଲାପରେ ପୂର୍ବ ସଂସ୍ଥା ଅଧୀନରେ ସିକ୍ୟୁରିଟି ଗାର୍ଡ କାର୍ଯ୍ୟ କରୁଥିବା ୩୦ରୁ ଅଧିକ ଯୁବତୀଯୁବକ ବେକାର ହୋଇଯାଇଛନ୍ତି। ଉପରୋକ୍ତ ସମସ୍ୟାଗୁଡ଼ିକୁ ନେଇ ପ୍ରତିବାଦରେ ଏହି ଧାରଣା ଦିଆଯାଇଥିଲା। ତେବେ ପୋଲିସର ବୁଝାଶୁଝା ଓ ୟୁନିଭରସିଟି କର୍ତ୍ତୃପକ୍ଷଙ୍କ ସହ ଏ ନେଇ ଆଲୋଚନା ବ୍ୟବସ୍ଥା କରିବା ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବନବିଭାଗ ପକ୍ଷରୁ ଚଢ଼ାଉ: କାଠ ଜବତ, ୨ ଗିରଫ

**ଦଶପଲ୍ଲା,୧୨।୯ (ଡି.ଏନ.ଏ.)**



ଗିରଫ ୨ ଅଭିଯୁକ୍ତ ଓ ଜବତ କାଠ।

ଦଶପଲ୍ଲା ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୩ ଲଗ୍ କାଠ ଓ କରତ ଜବତ କରାଯାଇଛି। ଏହି ଘଟଣାରେ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ସୁବଳୟା ଗ୍ରାମର କମଳ ଦଳେଇ (୫୫) ଓ ମାଧବ ବରାଡ (୪୧)। ସଦର ସେକ୍ସନ ଅଧୀନ ସ୍ଥାନୀୟ ପୁରୁଣା ଦଶପଲ୍ଲାସ୍ଥିତ ସ୍କୁଲ ନିକଟରେ ଗୁରୁବାର ଶାଗୁଆନ କାଠ କଟା ଯାଉଥିବା ବେଳେ ଖବର ପାଇ ବନବିଭାଗ ପକ୍ଷରୁ ପୂର୍ବାହ୍ନ ସାଢେ ୧୧ଟାରେ ଚଢାଉ କରାଯାଇଥିଲା। ବନପାଳ ବବୁଲ୍ ସାହୁ, ବନରକ୍ଷୀ ସନ୍ତୋଷ ଦୋରା ଓ ସ୍କ୍ୱାଡ ଏହି ଚଢାଉ କରିଥିଲେ। ୫ ଶାଗୁଆନ୍ ଲଗ୍ ସହ ଗୋଟିଏ କରତ ଜବତ କରାଯାଇଥିବା ବେଳେ ଘଟଣାସ୍ଥଳରୁ କମଳ ଓ ମାଧବଙ୍କୁ ବନକର୍ମଚାରୀ ଗିରଫ କରିଥିଲେ। ଜବତ କାଠ ୪.୭ ଘନଫୁଟ ହେବା ସହ ଏହାର ଆନୁମାନିକ ମୂଲ୍ୟ ୧୦ ହଜାର ଟଙ୍କା ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ବୁଧବାର ରାତି ପ୍ରାୟ ୩ଟା ସମୟରେ ସାକେଣୀ ସେକ୍ସନର କୁସୁମକଣ ଆମ୍ବତୋଟାଠାରୁ ବନକର୍ମଚାରୀ ମାନେ ଚଢାଉ କରି ୫ଟି ଲେମ୍ବୁରମଇ ଓ ୩ଟି ଶିରିଶ କାଠ ଜବତ କରିଛନ୍ତି। ବନପାଳ ମନୋଜ ପ୍ରଭାକର ସାହୁ, ବନରକ୍ଷୀ ନାରାୟଣ ମହାରଣା ଏବଂ ସ୍କ୍ୱାଡ ପକ୍ଷରୁ ଚଢାଉ କରାଯାଇ ଏସବୁ କାଠ ଜବତ କରାଯାଇଛି। ଜବତ କାଠ ୨୫ ଘନଫୁଟ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୩୫ ହଜାର ଟଙ୍କା ହେବ ବୋଲି ବନପାଳ ସାହୁ ପ୍ରକାଶ କରିଛନ୍ତି।

## ନୟାଗଡ଼ରେ ଦାଶିଆ ଅଜାଙ୍କୁ ଶ୍ରଦ୍ଧାସୁମନ

**ନୟାଗଡ଼ ଅଫିସ,୧୨।୯**

ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ, ପ୍ରଖ୍ୟାତ ସଂଗ୍ରାହକ ତଥା ଦଶ ପଇସାର ରାଜା ଦାଶିଆ ଅଜା ଓରଫ ଦାଶରଥି ପଟ୍ଟନାୟକଙ୍କ ୨୨ତମ ଶ୍ରାଦ୍ଧବାର୍ଷିକ ଗୁରୁବାର ପାଳିତ ହୋଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଦାଶିଆ ଅଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଦାଶିଆ ଅଜା ସ୍ମୃତି ସଂସଦର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ଆଚାର୍ଯ୍ୟ, ଧୀରେନ୍ଦ୍ର ପଟ୍ଟନାୟକ, ଶେଖ ଅବଦୁଲ ଖାଲିକ୍, ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଦାଶିଆ ଅଜାଙ୍କ ଗୁଣଗାନ କରିଥିଲେ।



ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇଥିବା ବ୍ୟକ୍ତିମାନେ।

## ଆତ୍ମନିର୍ଭରଶୀଳ ତାଲିମ ଶିବିର ଉଦ୍‌ଯାପିତ

**ନୂଆଗାଁ,୧୨।୯ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁଠାରେ ନାବାର୍ଡ ସହାୟତାରେ ହାମ୍‌ସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଆୟୋଜିତ ଖାଦ୍ୟ ପ୍ରକ୍ରିୟାକରଣ ମାଧ୍ୟମରେ ଆତ୍ମନିର୍ଭରଶୀଳ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଗତ ଅଗଷ୍ଟ ୧୯ତାରିଖଠାରୁ ଆରମ୍ଭ ହୋଇଥିବା ଶିବିରରେ ସ୍ୱୟଂ ସହାୟକ ଗୋଷ୍ଠୀର ୯୦ ଜଣ ମହିଳାଙ୍କୁ ୩ ଭାଗରେ ବିଭକ୍ତ କରି ଏକସପ୍ତାହ ଲେଖାଏ ପ୍ରଶିକ୍ଷଣ ଦିଆ ଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ସମସ୍ତ ମହିଳାଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଖାଦ୍ୟ ପ୍ରକ୍ରିୟାକରଣ ମାଧ୍ୟମରେ ଜେଲି, ଜାମ, ସସ୍ ଓ ବିଭିନ୍ନ ପ୍ରକାର ଆଚାର ପ୍ରସ୍ତୁତି ଉପରେ ତାଲିମ ଦିଆଯାଇଥିଲା। ହାମସ୍ ସଭାପତି ନିରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଓ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲ, ନାବାର୍ଡ ଡିଡିଏମ୍ ଜୟନ୍ତ କୁମାର ସାହୁ, ଭାରତୀୟ ଷ୍ଟେଟବ୍ୟାଙ୍କ ଏଲ୍‌ଡିଏମ ଚନ୍ଦ୍ର ମୋହନ ମୁର୍ମୁ, ସିଆରପି ନଳିନୀ ପ୍ରଭା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁନୀତା ଦାଶଗୁପ୍ତା, ସସ୍ମିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ହାମ୍‌ସ ସମ୍ପାଦକ ବିଜୟ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।




ତାଲିମ ଶିବିରରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଜବରଦଖଲରେ ବାହାଡ଼ାଝୋଲା ହାଟ ପିଣ୍ଡି

**ଓଡ଼ଗାଁ, ୧୨।୯(ସ୍ୱ.ପ୍ର.)**

ନୟାଗଡ ଜିଲାର ବାହାଡ଼ାଝୋଲା ନିୟନ୍ତ୍ରିତ ବଜାର କମିଟି ଅଧୀନରେ ପରିଚାଳିତ ମାଣିକପାଟଣା ହାଟର ବେଶ୍ ଖ୍ୟାତି ରହିଛି। ତେବେ ପ୍ରଶାସନିକ ଉଦସୀନତା କାରଣରୁ ହାଟ ନିମନ୍ତେ ନିର୍ମାଣ କରାଯାଇଥିବା ବହୁ ପିଣ୍ଡି ଏବେ ଜବର ଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଉଥିବା ଅଭିଯୋଗ ହେଉଛି ।

ଅବିଭକ୍ତ ପୁରୀ ଜିଲା ଅନ୍ତର୍ଗତ ରାଜ୍ୟର ବେଶ ପୁରୁଣା ଗୋରୁ ତଥା କୃଷିଭିତ୍ତିକ ହାଟ ଭାବେ ଏହା ପରିଚିତ ଥିବାବେଳେ ଗୁରୁବାର ସାପ୍ତାହିକ ହାଟରୁ ଲକ୍ଷାଧିକ ଟଙ୍କା ରାଜସ୍ୱ ଆଦାୟ ହେଉଥିବା ଜଣାଯାଇଛି । ହେଲେ ପରିଚାଳନାଗତ ଅବ୍ୟବସ୍ଥା କାରଣରୁ କେତେକ ତଳିଆ କର୍ମଚାରୀ ଓ ଦଲାଲ ଏହାର ଫାଇଦା ଉଠାଉଥିବା ଅଭିଯୋଗ ହୋଇଛି।

ହାଟ ବ୍ୟବହାର ନିମନ୍ତେ କେତେକ ପିଣ୍ଡି ନିର୍ମାଣ କରାଯାଇ ସାପ୍ତାହିକ ହାଟକୁ ଆସୁଥିବା କୃଷକ ଏବଂ ବ୍ୟବସାୟୀଙ୍କ ବ୍ୟବହାର ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥାଏ । ହେଲେ ବିଗତ କେତେ ଦିନ ହେଲା କେତେକ ସ୍ଥାନୀୟ ଲୋକ ଏହିସବୁ ପିଣ୍ଡିକୁ ଜବରଦଖଲ କରି ରାତାରାତି କୋଠାଘର ନିର୍ମାଣ କରିବା ସହିତ ତାଲା ମାରି ରଖିଥିବା ଜଣାଯାଇଛି । ଏନେଇ ବହୁବାର ସ୍ଥାନୀୟ ଲୋକମାନେ ଜିଲାପାଳଙ୍କୁ ଅବଗତ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ପୁଣି ଥରେ ବାହାଡ଼ାଝୋଲା ସମେତ କାପ୍ତାପଲ୍ଲୀ, ଗୁମୀ, ହରିପୁର, ସିଙ୍ଗାରପଲ୍ଲୀ, ବେରୁଆଁବାରୀ ଆଦି ପଞ୍ଚାୟତର ଶତାଧିକ ଗ୍ରାମବାସୀ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପକ୍ଷେ ନିୟନ୍ତ୍ରିତ ବଜାର କମିଟି ପରିଚାଳନା ନିମନ୍ତେ ସର୍ବେସର୍ବା ନୟାଗଡ ଉପଜିଲାପାଳ ରହିଥିବା ବେଳେ ଜଣେ ବରିଷ୍ଠ ଅଧିକାରୀ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି । ହେଲେ ଦିନକୁ ଦିନ ଲୋକେ ହାଟ ପିଣ୍ଡି ଜବରଦଖଲ କରିବା ସହିତ ତତ୍ ସଂଲଗ୍ନ ସ୍କୁଲ, ହସ୍‌ପିଟାଲ, ଆରଆଇ ଅଫିସ, ଫରେଷ୍ଟ ଅଫିସ ଓ ମନ୍ଦିରକୁ ଯିବା ଆସିବା ରାସ୍ତା ଅତ୍ୟନ୍ତ ସଙ୍କୁଚିତ ହେବାରେ ଲାଗିଛି। ହାଟ ଉପରେ ନିର୍ଭର କରୁଥିବା ପଞ୍ଚାୟତବାସୀ ଆନ୍ଦୋଳନ ପାଇଁ ସଜବାଜ ହୋଇ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିବା ବେଳେ ଗୁରୁବାର ସନ୍ଧ୍ୟାରେ ଜଣେ ବିଭାଗୀୟ କର୍ମଚାରୀ ଜବରଦଖଲ ସମ୍ପର୍କରେ ସ୍ଥାନୀୟ ଥାନାରେ ୯ ଜଣ ଜବରଦଖଲ କରିଥିବା ନେଇ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ନୟାଗଡ ଉପଜିଲାପାଳଙ୍କ ବଦଳି ହୋଇଯାଇଥିବା ବେଳେ ଏ ନେଇ ସମ୍ପାଦକଙ୍କ ସହିତ ଯୋଗାଯୋଗ ହୋଇପାରିନଥିଲା । ସ୍ଥାନୀୟ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା କୁହନ୍ତି, ଜବରଦଖଲକାରୀଙ୍କୁ ହଟାଇବାକୁ ପ୍ରଶାସନର ଆବଶ୍ୟକତା ଅନୁସାରେ ଫୋର୍ସ ଯୋଗାଇ ଦିଆଯାଇପାରିବ ।